ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.63 Bhubaneswar Wednesday April 12 2023 | ୨୬ତମ ବର୍ଷ ସଂଖ୍ୟା–୬୩ ଭୁବନେଶ୍ୱର, ବୁଧବାର, ଅପ୍ରେଲ ୧୨, ୨୦୨୩ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS


## ଆସନ୍ତାକାଲି ଠାରୁ ଏପ୍ରିଲ ୧୬ ପର୍ଯ୍ୟନ୍ତ ରାଜ୍ୟର ସବୁ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ର ଛୁଟି



ଭୁବନେଶ୍ୱର,୧୧।୪(ପି.ଏନ): ରାଜ୍ୟରେ ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆସନ୍ତାକାଲିଠୁ ସମସ୍ତ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ର ପାଇଁ ଛୁଟି ଘୋଷଣା କରିଛନ୍ତି । ଏହି ଛୁଟି ଆସନ୍ତା ଏପ୍ରିଲ ୧୬ତାରିଖି ପର୍ଯ୍ୟନ୍ତ ବଳବତ୍ତର ରହିବ ।ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାପାନ ଗସ୍ତରୁ ଫେରିବା ପରେ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ସ୍ଥିତିର ସମୀକ୍ଷା କରିଛନ୍ତି । ସୂଚନା ଅନୁସାରେ, ରାଜ୍ୟରେ ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଆସନ୍ତାକାଲି ଅର୍ଥାତ୍ ଏପ୍ରିଲ ୧୨ରୁ ୧୬ତାରିଖ ପର୍ଯ୍ୟନ୍ତ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ର ଛୁଟି ରହିବ । ରାଜ୍ୟର ସମସ୍ତ ଘରୋଇ ଓ ସରକାରୀ ସ୍କୁଲଗୁଡିକ ବନ୍ଦ ରହିବ।

### ସ୍କୁଲ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ, ୧୧ ଛାତ୍ରଛାତ୍ରୀଙ୍କ ସମେତ ୨ ଶିକ୍ଷୟତ୍ରୀ ଆହତ

ପାରାଦୀପ, ୧୧।୪(ପି.ଏନ): ପାରାଦ୍ୱୀପରେ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସିଲା ସ୍କୁଲ ଭ୍ୟାନ୍ । ପାରାଦୀପଗଡ଼ରୁ କୁଜଙ୍ଗ ଯାଉଥିବା ବେଳେ ଆଜି ସକାଳ ପ୍ରାୟ ୭ଟା ସମୟରେ ସ୍କୁଲ ଭ୍ୟାନ୍ ଟି ସନ୍ତରାଗଡ଼ା ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ଫଳରେ ଗାଡିରେ ଥିବା ୧୧ ଜଣ ଛାତ୍ରଛାତ୍ରୀଙ୍କ ସମେତ ୨ ଜଣ ଶିକ୍ଷୟତ୍ରୀ ଆହତ ହୋଇଛନ୍ତି । ଆହତ ମାନଙ୍କୁ ଚିକିତ୍ସା ନିମନ୍ତେ କୁଜଙ୍ଗ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଛି ।

### ଜାପାନ ଗସ୍ତରୁ ରାଜ୍ୟକୁ ବଡ଼ ସଫଳତା ମିଳିଛି : ଶିଳ୍ପ ମନ୍ତ୍ରୀ

ଭୁବନେଶ୍ୱର,୧୧।୪(ପି.ଏନ): ଜାପାନ ଗସ୍ତରୁ ରାଜ୍ୟକୁ ବଡ଼ ସଫଳତା ମିଳିଛି। ଜାପାନ ଗସ୍ତରୁ ଫେରିବା ପରେ ଏନେଇ ସୂଚନା ଦେଇଛନ୍ତି ରାଜ୍ୟ ଶିଳ୍ପ ମନ୍ତ୍ରୀ ପ୍ରତାପ ଦେବ। ସେ କହିଛନ୍ତି, ଓଡ଼ିଶାରେ ଓଡ଼ିଶାରେ ଦେଶର ବୃହତମ ଇସ୍ପାତ କାରଖାନା ପ୍ରତିଷ୍ଠା ହେବ। ୯ଦିନର ଗସ୍ତକୁ ବେଶ୍ ସଫଳତା ମିଳିଛି। ରାଜ୍ୟ ଶିଳ୍ପ ମନ୍ତ୍ରୀ ଆହୁରି କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ମିଶନ ମୋଡରେ ଶିଳ୍ପାୟନ ଆଗେଇବ। ମୁଖ୍ୟମନ୍ତ୍ରୀ ନିପନ ଷ୍ଟିଲ ବୁଲି ଦେଖିଛନ୍ତି। ନିପନ ଷ୍ଟିଲ ପ୍ଲାଣ୍ଟ ଓଡ଼ିଶାରେ ୩୦ନିୟୁତ ମେଟ୍ରିକ୍ ଟନ୍ ଇସ୍ପାତ ଉତ୍ପାଦନ କରିବ। ସେମାନେ ପାୱାର ପ୍ଲାଂଟ ପାଇଁ ଗ୍ରୀନ ଆମୋନିଆ ବ୍ୟବହାର ଉପରେ ଗୁରୁତ୍ୱ ଦେଇଛନ୍ତି। ଖୁବ୍ ଶୀଘ୍ର ଜାପାନ ପ୍ରତିନିଧି ଦଳ ଓଡ଼ିଶା ଆସିବେ। ସେମାନେ କ୍ଷେତ୍ର ପରିଦର୍ଶନ କରିବେ।

## ସଲମାନ ଖାନ ଓ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କୁ ହତ୍ୟା ଧମକ, ପୋଲିସର ତଦନ୍ତ ଆରମ୍ଭ

ମୁମ୍ବାଇ, ୧୧।୪(ପି.ଏନ): ବଲିଉଡ୍ ଅଭିନେତା ସଲମାନ ଖାନ ଏବଂ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କୁ ସୋମବାର ମଧ୍ୟ ରାତ୍ରିରେ ପୁଣି ଥରେ ହତ୍ୟା ଧମକ ମିଳିଛି । କୌଣସି ଅଜଣା ବ୍ୟକ୍ତି ପୋଲିସ କଂଟ୍ରୋଲ ରୁମ୍ କୁ ଫୋନ୍ କରି ଏହି ଧମକ ଦେଇଛନ୍ତି । ଏହି ଧମକ ପରେ ପୋଲିସ ପକ୍ଷରୁ ସଲମାନ ଖାନଙ୍କ ସୁରକ୍ଷା ବ୍ୟବସ୍ଥାକୁ ବଢାଇ ଦିଆଯାଇଛି । ଏଥିସହିତ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କୁ ଧମକ ଦେଇଥିବା ବ୍ୟକ୍ତିଙ୍କ ନମ୍ବରକୁ ଭିତି କରି ଏହାର ଲୋକେସନ ଖୋଜି ବାହାର କରିବା ସହ ସମ୍ପୃକ୍ତ ବ୍ୟକ୍ତିକୁ ହେପାଜତକୁ ନେଇଛି ମୁମ୍ବାଇ ପୋଲିସ । ପୋଲିସର ସୂଚନା ଅନୁସାରେ, ସୋମବାର ବିଳମ୍ବିତ ରାତିରେ ମୁମ୍ବାଇ ପୋଲିସ କଂଟ୍ରୋଲ ରୁମ୍ କୁ ସଲମାନ ଖାନଙ୍କୁ ହତ୍ୟା କରିବା ନେଇ ଧମକପୂର୍ଣ୍ଣ ଫୋନ୍ କଲ୍ ଆସିଥିଲା । ଏହି ଧମକପୂର୍ଣ୍ଣ କଲ୍ ରେ ଅଜ୍ଞାତ ବ୍ୟକ୍ତି ଜଣକ କହିଥିଲେ ଯେ, ସେ ଅପ୍ରେଲ ୩୦ ତାରିଖରେ ସଲମାନଙ୍କୁ ହତ୍ୟା କରିବେ । ମୁମ୍ବାଇ ପୋଲିସ ଫୋନ୍ କରିଥିବା ବ୍ୟକ୍ତିଙ୍କ ବାବଦରେ ସୂଚନା ଏକାଠି କରୁଛି । ପ୍ରକାଶ ଥାଉକି, ଏହା ପୂର୍ବରୁ ମଧ ସଲମାନ ଖାନଙ୍କୁ ଇ-ମେଲ୍ ଜରିଆରେ ଧମକ ମିଳିଥିଲା । ଏହି ଧମକପୂର୍ଣ୍ଣ ଇ-ମେଲ୍ ତାଙ୍କ ମ୍ୟାନେଜରଙ୍କ ମେଲ୍ କୁ ଆସିଥିଲା ।

## ବିଜୁ ସ୍ୱାସ୍ଥ୍ୟ କାର୍ଡକୁ ନେଇ ଜାଲିଆତି ପରେ ଚିନ୍ତାରେ ସରକାର, ଜାରି କଲେ ଗାଇଡଲାଇନ୍

ଭୁବନେଶ୍ୱର,୧୧।୪(ପି.ଏନ): ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସକେୱାଇ) ହିତାଧିକାରୀଙ୍କୁ ପ୍ରଲୋଭିତ ଓ ଜାଲିଆତି କରି ବିଭିନ୍ନ ହସ୍ପିଟାଲଗୁଡିକ କୋଟି କୋଟି ଟଙ୍କା ହରିଲୁଟ୍ କରୁଥିବାର ଅନେକ ଅଭିଯୋଗ ଆସିବା ପରେ ରାଜ୍ୟ ସରକାରଙ୍କ ଚେତା ପଶିଛି । ଘରୋଇ ନର୍ସିଂହୋମ୍ ଓ ହସ୍ପିଟାଲଗୁଡିକରେ ଚାଲିଥିବା ବିଏସକେୱାଇ କାର୍ଡ ଜାଲିଆତି ନେଇ ସମ୍ପୃକ୍ତ ଅନୁଷ୍ଠାନର ମାଲିକମାନଙ୍କ ବିରୁଦ୍ଧରେ ଅଦ୍ୟାବଧି ଆଖିଦୃଶିଆ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ କରିବାରେ ସକ୍ଷମ ହୋଇନଥିବା ରାଜ୍ୟ ସରକାର ଆଜି ବିଏସକେୱାଇ କାର୍ଡରେ ଜାଲିଆତି ଓ ଦୁରୁପଯୋଗ ରୋକିବା ପାଇଁ ଏକ ଗାଇଡଲାଇନ୍ ଜାରି କରିଛନ୍ତି ।



ବିଏସକେୱାଇ ହିତାଧିକାରୀମାନେ ଯେଭଳି ଠକାମୀର ଶିକାର ନହେବେ ସେଥିପାଇଁ ଆବଶ୍ୟକ ସଚେତନତା କାର୍ଯ୍ୟକ୍ରମ ନିମନ୍ତେ ପଦକ୍ଷେପ ନେବାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାର ଜିଲ୍ଲାପାଳ, ମ୍ୟୁନିସପାଲଟି କମିଶନର, ପୁଲିସ ଏସପି, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀମାନଙ୍କୁ ଏକ ଗାଇଡଲାଇନ୍ ଜାରି ହୋଇଛି ।

## ହନିଟ୍ରାପ୍ ମାମଲାରେ ଅର୍ଚ୍ଚନା ନାଗଙ୍କୁ ହାଇକୋର୍ଟରୁ ମିଳିଲା ଜାମିନ

କଟକ,(ପି.ଏନ): ହନିଟ୍ରାପ୍ ତଥା ବ୍ଲାକମେଲ ମାମଲାରେ ଅର୍ଚ୍ଚନା ନାଗଙ୍କୁ ହାଇକୋର୍ଟରୁ ମିଳିଲା ଜାମିନ। ଆଜି ଅର୍ଚ୍ଚନାଙ୍କୁ ସର୍ତ୍ତମୂଳକ ଜାମିନ ମଂଜୁର କରିଛନ୍ତି ହାଇକୋର୍ଟ। ଫିଲ୍ମ ପ୍ରଯୋଜକ ଅକ୍ଷୟ ପରିଜାଙ୍କ ପକ୍ଷରୁ ହୋଇଥିବା ଏତଲା ଆଧାରରେ ନୟାପଲ୍ଲୀ ଥାନାରେ ହୋଇଥିବା ମାମଲାରେ ତାଙ୍କୁ ଜାମିନ ଦେଇଛନ୍ତି ହାଇକୋର୍ଟ। ତେବେ ତଦନ୍ତରେ ସହଯୋଗ କରିବା, ବାହାରକୁ ନଯିବାକୁ, ସାକ୍ଷୀଙ୍କୁ ପ୍ରଭାବିତ ନ କରିବା ପାଇଁ କୋର୍ଟ ଅର୍ଚ୍ଚନାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଅର୍ଚ୍ଚନାଙ୍କ ବିରୋଧରେ ଆଉ ଦୁଇଟି ମାମଲା ରହିଥିବାରୁ ଅର୍ଚ୍ଚନା ଜେଲରୁ ମୁକୁଳିବେନି ବୋଲି ଅନ୍ୟପଟେ ସ୍ପଷ୍ଟ ହୋଇଛି। ଅର୍ଚ୍ଚନାଙ୍କ ବିରୋଧରେ ଶ୍ରଦ୍ଧାଞ୍ଜଳି କରିଥିବା ଏତଲା ଆଧାରରେ ଖଣ୍ଡଗିରି ଥାନାରେ ହୋଇଥିବା ମାମଲା ଓ ଇଡି ପକ୍ଷରୁ ଚାଲିଥିବା ତଦନ୍ତ ମାମଲା ଏବେ ବି କୋର୍ଟରେ ବିଚାରାଧୀନ ରହିଛି।

## ଭିଜିଲାନ୍ସ ଜାଲରେ ହିନ୍ଦୋଳ ବିଇଓ

ଢେଙ୍କାନାଳ, ୧୧।୪(ପି.ଏନ): ଭିଜିଲାନ୍ସ ଜାଲରେ ପଡିଛନ୍ତି ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ଶାନ୍ତନୁ କୁମାର ମଲ୍ଲିକ । ଜଣେ ଶିକ୍ଷକଙ୍କ ଠାରୁ ଆଜି ସେ ୧୦ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି । ଘଟଣାରେ ତାଙ୍କୁ ଗିରଫ କରିଛି ଭିଜିଲାନ୍ସ । ଏହାପରେ ତାଙ୍କ କାର୍ଯ୍ୟାଳୟ, ଭଡ଼ାଘର ଏବଂ ଭଦ୍ରକ ସ୍ଥିତ ତାଙ୍କ ପୈତୃକ ବାସଭବନରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ଉ କରାଯାଇଛି । ଚଢ଼ଉ ବେଳେ ନଗଦ ପ୍ରାୟ ଲକ୍ଷେ ଟଙ୍କା ଜବତ ହୋଇଛି । ଚଢ଼ଉ ଜାରୀ ରହିଥିବାରୁ ଏନେଇ ସବିଶେଷ ତଥ୍ୟ ମିଳିପାରିନାହିଁ ।ହିନ୍ଦୋଳ ବରସାହି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଆଦିତ୍ୟ ମାଝି ପୂର୍ବରୁ ନିଲମ୍ବିତ ହୋଇଥିବା ବେଳେ ତାଙ୍କୁ ପୁନଃ ନିଯୁକ୍ତି କରାଇଦେବାକୁ କହି ବିଇଓ ୧୦ ହଜାର ଟଙ୍କା ଲାଂଚ ନେଉଥିଲେ । ଆଦିତ୍ୟଙ୍କ ଠାରୁ ଶାନ୍ତନୁ ଲାଂଚ ନେଉଥିବା ବେଳେ ପୂର୍ବ ଯୋଜନା ମୁତାବକ ସେଠାରେ ଛକି ରହିଥିବା ଭିଜିଲାନ୍ସ ଅଧିକାରୀ ମାନେ ଶାନ୍ତନୁଙ୍କୁ କାବୁ କରିବା ସହ ତାଙ୍କ ନିକଟରୁ ଏହି ଟଙ୍କା ଜବତ କରିଥିଲେ । ବିଇଓଙ୍କୁ ଭିଜିଲାନ୍ସ ଅଧିକାରୀ ମାନେ ହିନ୍ଦୋଳ ବ୍ଲକ ଶିକ୍ଷାଅଧିକାରୀ କାର୍ଯ୍ୟାଳୟକୁ ଆଣି ଅଧିକ ତଦନ୍ତ ଜାରୀ ରଖିଛନ୍ତି । ଲାଂଚ ନେବା ଓ ବେଆଇନ ଅର୍ଥ ଠୁଳ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ ଜାରୀ ରହିଛି ।

### ୯ ସହରର ତାପମାତ୍ରା ୪୦ ଉପରେ

ଭୁବନେଶ୍ୱର,୧୧।୪(ପି.ଏନ): ଚଳିତ ବର୍ଷ ପ୍ରଥମ ଥର ପାଇଁ ୪୦ ଡ଼ିଗ୍ରୀ ଅତିକ୍ରମ କରିଛି ରାଜଧାନୀ ତାତି। ମଙ୍ଗଳବାର ଦିନ ରାଜଧାନୀ ଭୁବନେଶ୍ୱର ରେ ୪୦.୭ ଡ଼ିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଭୁବନେଶ୍ୱର ସମେତ ୯ଟି ସହରର ତାପମାତ୍ରା ୪୦ କିମ୍ବା ତାଠାରୁ ଅଧିକ ରେକର୍ଡ କରାଯାଇଛି। ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ଗତକାଲିଠାରୁ ରାଜଧାନୀ ସମେତ ସାରା ରାଜ୍ୟରେ ଗ୍ରୀଷ୍ମ ଲହରୀ ଆରମ୍ଭ ହୋଇଯାଇଛି। ମଙ୍ଗଳବାର ମଧ୍ୟ ରାଜ୍ୟ ତମାମ ତାତି ଜାରି ରହିଛି। ଆଜି ସକାଳୁ ସକାଳୁ ରାଜଧାନୀରେ ଖରାର ପ୍ରକୋପ ଦେଖିବାକୁ ମିଳିଥିଲା। ଦିନ ବଢ଼ିବା ସହ ତାତି ମଧ୍ୟ ବଢିଥିଲା। ସକାଳ ସାଢ଼େ ୮ଟା ସୁଦ୍ଧା ରାଜଧାନୀ ତାପମାତ୍ରା ୩୧ ଡିଗ୍ରୀରେ ପହଂଚିଥିଲା। ସେହିପରି ଦିନ ସାଢ଼େ ୧୧ଟା ସୁଦ୍ଧା ୩୭.୨ ଡିଗ୍ରୀ ଓ ଅପରାହ୍ଣ ସାଢ଼େ ୨ଟା ସୁଦ୍ଧା ୪୦.୪ ଡିଗ୍ରୀ ଅତିକ୍ରମ କରିସାରିଥିଲା ରାଜଧାନୀ ପାରଦ। ଆଗକୁ ମଧ୍ୟ ଏଭଳି ସ୍ଥିତି ଜାରି ରହିବ ବୋଲି ଆକଳନ କରିଛି ପାଣିପାଗ ବିଭାଗ।

## ଭଗବାନଙ୍କ ବିଚିତ୍ର ଲୀଳା, ବାପ କାନ୍ଧରେ ତିନି ପୁଅ ମଶାଣିକୁ ଗଲେ

ହରିଚନ୍ଦନପୁର,୧୧।୪(ପି.ଏନ): ସତରେ ବିଧିର ବିଧାନ ବଡ ବିଚିତ୍ର । କଥାରେ ଅଛି ବିପଦ ଯେତେବେଳେ ଆସେ ଭାଇ, ବନ୍ଧୁ ଓ କୁଟୁମ୍ବଙ୍କୁ ସାଙ୍ଗରେ ନେଇ ଆସେ । ଏହିଭଳି ଏକ ହୃଦୟ ବିଦାରକ ଚିତ୍ର କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଦୈତାରୀ ସବଷ୍ଟେସନ ସାହିର ୬୫ ବର୍ଷିଆ ନରେନ୍ଦ୍ର ପାତ୍ରଙ୍କ ପରିବାରରେ ଦେଖିବାକୁ ମିଳିଛି । ଯେଉଁ ବୟସରେ ବାପା ପୁଅମାନଙ୍କ କାନ୍ଧରେ ବୋଝ ହେବା କଥା ତାହା ତ ହେଲାନାହିଁ କିନ୍ତୁ ପରିଣତ ବୟସରେ ୬ ମାସ ଭିତରେ ତିନି ତିନୋଟି ଭେଣ୍ଡିଆ ପୁଅକୁ ହରାଇ ବେସାହରା ହୋଇଯାଇଛନ୍ତି ନରେନ୍ଦ୍ର । ଏବେ ୩ ଜଣ ନାତି ନାତୁଣୀ ଓ ବିଧବା ବୋହୂକୁ ମିଶାଇ ୫ ପ୍ରାଣୀ କୁଟୁମ୍ବଙ୍କ ବୋଝ ଲଦି ହୋଇ ପଡିଛି ତାଙ୍କ ମୁଣ୍ଡରେ । ଚିନ୍ତାରେ ନରେନ୍ଦ୍ର, ସୁଧକ୍ରିୟା କିପରି ହେବ ତାପରେ ଚଳିବୁ କିପରି । ଆଖିରୁ ଲୁହ ନିଗାଡ଼ି କାନ୍ଦି କହୁଛନ୍ତି ହେ ଭଗବାନ ମୋଭଳି ଦୁଃଖ ଆଉ କାହାରିକୁ ନଦିଅ ।ଏ ହେଉଛନ୍ତି ୬୫ ବର୍ଷିୟ ନରେନ୍ଦ୍ର ପାତ୍ର । ଭଙ୍ଗା ଦଦରା ଘରେ ରହୁଛନ୍ତି । ସେ ଜଣେ ଗରିବ ଦିନ ମଜୁରିଆ । ତାଙ୍କର ତିନି ଜଣ ପୁଅଙ୍କ ମଧ୍ୟରୁ ବଡପୁଅ ବିବାହ କରିଥିଲେ ଓ ସାନ ଦୁଇପୁଅ ବିବାହ କରିନଥିବା ବେଳେ ୩ ଜଣ ନାତି ନାତୁଣୀଙ୍କୁ ନେଇ ବେଶ ହସ ଖୁସିରେ ସଂସାର ଚାଲିଥିଲା । ନରେନ୍ଦ୍ରଙ୍କ ସ୍ୱପ୍ନ ଥିଲା ପରିଣତ ବୟସରେ ବେଶ୍ ହସଖୁସିରେ କଟିବ । ହେଲେ ବିଧିର ବିଧାନ ଥିଲା ପୁରା ଅଲଗା । ହଠାତ୍ ନରେନ୍ଦ୍ରଙ୍କ ପରିବାର ଉପରେ ଦୁଃଖର କଳାବାଦଲ ଘୋଟି ଆସିଲା । ୬ ବର୍ଷ ପୂର୍ବରୁ ନରେନ୍ଦ୍ରଙ୍କ ପତ୍ନୀଙ୍କୁ ଅଜଣା ରୋଗ ଛଡାଇ ନେଇଥିଲା । ତଥାପି ନରେନ୍ଦ୍ର ଭାଙ୍ଗି ନଥିଲେ । କିନ୍ତୁ, ନିୟତିର ଖେଳଥିଲା ବଡ଼ ବିଚିତ୍ର । ୬ ମାସ ଭିତରେ ତିନି ତିନୋଟି ଭେଣ୍ଡିଆ ପୁଅଙ୍କୁ ହରାଇଥିଲେ । ପ୍ରଥମେ ୩୬ ବର୍ଷିୟ ଭେଣ୍ଡିଆ ପୁଅ କରୁଣାକର ପାତ୍ର ବାତ ରୋଗରେ ପୀଡିତ ହୋଇ ମୃତ୍ୟୁବରଣ କରିଥିଲେ । ତାର ମାସ କେଇଟା ନପୂରୁଣୁ ମଝିଆଁ ପୁଅ ୩୮ ବର୍ଷିୟ ଅର୍ଜୁନ ପାତ୍ରର ଅଜଣା ରୋଗରେ ମୃତ୍ୟୁ ଘଟିଥିଲା । ସେତିକିରେ ନରେନ୍ଦ୍ରଙ୍କ ଦୁଃଖ ସରିନଥିଲା, ଆଖିରୁ ତାଙ୍କର ଲୁହ ନଶୁଖୁଣୁ ଶେଷରେ ୪୦ ବର୍ଷୀୟ ବଡପୁଅ ଭୀମ ପାତ୍ର କିଛିଦିନ ହେବ କିଡନୀ ରୋଗରେ ପୀଡ଼ିତ ହୋଇ ଗତ ମାର୍ଚ୍ଚ ମାସରେ ଆରପାରିକୁ ଚାଲିଗଲା । ଜନ୍ମଦାତା ବୃଦ୍ଧ ବାପା କାନ୍ଧରେ ଏକବର୍ଷ ଭିତରେ ଗୋଟି ଗୋଟି ୩ ଜଣ ଭେଣ୍ଡିଆ ପୁଅଙ୍କ ମର ଶରୀରକୁ ବୋହି ନେଇ ଶଶ୍ମାନରେ ଦାହ କରିବା ତାହା ଠାରୁ ଦୁଃଖ ଆଉ କଣ ହୋଇପାରେ । ଯେଉଁ କାମ ପୁଅ କରିବା କଥା ସେ କାମ ଆଜି ବାପା କରିଛନ୍ତି ।ନରେନ୍ଦ୍ର ବହୁତ ଗରିବ ଶ୍ରେଣୀର ଲୋକ । ପୁଅର ଶୁଦ୍ଧିକ୍ରିୟା କରିବା ପାଇଁ ତାଙ୍କ ପାଖରେ ଅର୍ଥର ଘୋର ଅଭାବ ଥିଲା। କେତେକ ସହୃଦୟ ବ୍ୟକ୍ତିଙ୍କ ଠାରୁ ଯାହା କିଛି ସ୍ୱଳ୍ପ ଅର୍ଥ ମିଳିଛି ସେଥିରେ ଶୁଦ୍ଧିକ୍ରିୟା କରିଲେ । ଅଭାବ କାରଣରୁ ନରେନ୍ଦ୍ରଙ୍କୁ ମିଶାଇ ୫ ପରିବାରଙ୍କୁ ନେଇ କିପରି ଚଳିବେ ତାହା ସବୁଠାରୁ ଦୁଃଖ ଓ ପରିତାପର ବିଷୟ। ଏହା ହିଁ ନରେନ୍ଦ୍ରଙ୍କ ଦୁଃଖଦ ଭରା ବାସ୍ତବ ଚିତ୍ର। ଏ ଘଟଣାକୁ ନେଇ ଆମେ ଦୈତାରୀ ପଂଚାୟତର ଯୁବ ସରପଂଚଙ୍କ ସହ ଯୋଗାଯୋଗ କରିଥିଲୁ । ସେ ଆମକୁ କହିଛନ୍ତି ନରେନ୍ଦ୍ର ପାତ୍ର ଜଣେ ଗରିବ ଲୋକ । ତାଙ୍କ ପରିବାରର ଦୁଃଖଦ ଖବର ମୁଁ ପୂର୍ବରୁ ଜାଣିଛି । ମାସକୁ ମାସ ଚାଉଳ ଦେବାର ବ୍ୟବସ୍ଥା କରିଛି । ନିୟମ କାନୁନ୍ ଭିତରେ ସରକାରୀ ସୁବିଧା ସୁଯୋଗ ଯାହା ଅଛି ସବୁକିଛି ନରେନ୍ଦ୍ର ପାତ୍ରଙ୍କୁ ଯୋଗାଇ ଦିଆଯିବ ।

## ଠିକ୍ ନିର୍ବାଚନ ପୂର୍ବରୁ ସନ୍ନ୍ୟାସ ନେଲେ ବିଜେପିର ଏହି ବରିଷ୍ଠ ନେତା



ନୂଆଦିଲ୍ଲୀ,୧୧।୪(ପି.ଏନ):କର୍ଣ୍ଣାଟକା ବିଧାନସଭା ନିର୍ବାଚନ ମେ' ୧୦ ତାରିଖ ହେବ। ହେଲେ ବିଜେପି ଏଯାଏ କାହାକୁ ପ୍ରାର୍ଥୀ କରିବ, ସେକଥା ସ୍ଥିର କରିପାରୁ ନାହିଁ। କ୍ରମାଗତ ୩ ଦିନ ଧରି ଦଳ ପକ୍ଷରୁ ମାରାଥନ ବୈଠକ କରାଯାଇଥିଲେ ମଧ ପ୍ରାର୍ଥୀଙ୍କ ନାଁ ଘୋଷଣା ହୋଇପାରୁନି। ଏସବୁ ଭିତରେ ବରିଷ୍ଠ ବିଜେପି ନେତା କେଏସ୍ ? ଈଶ୍ୱରପ୍ପା ନିର୍ବାଚନ ରାଜନୀତିରୁ ଅବସର ଘୋଷଣା କରିଛନ୍ତି। ସେ ଆଉ ନିର୍ବାଚନ ଲ ?ିବେ ନାହିଁ ବୋଲି କହିଛନ୍ତି।ସେ ତାଙ୍କ ନିଷ୍ପତ୍ତି ସମ୍ପର୍କରେ ଚିଠି ଲେଖି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କୁ ଅବଗତ କରାଇ ଦେଇଛନ୍ତି। ସେ ମେ' ୧୦ରେ ହେବାକୁ ଥିବା ନିର୍ବାଚନ ଲ ?ିବାକୁ ଚାହୁଁ ନାହାନ୍ତି ଓ ନିର୍ବାଚନ ରାଜନୀତିରୁ ଦୂରେଇ ଯିବାକୁ ଚାହୁଁଥିବା ଚିଠିରେ ଉଲ୍ଲେଖ କରିଛନ୍ତି।ସେ କହିଛନ୍ତି, "ଦଳ ମୋତେ ଏହି ୪୦ ବର୍ଷ ମଧ୍ୟରେ ଅନେକ ଦାୟିତ୍ୱ ଦେଇଛି। ମୁଁ ଜଣେ ବୁଥ ଇନ ଚାର୍ଜରୁ ଦଳର ରାଜ୍ୟ ମୁଖ୍ୟ ଭାବେ କାମ କରିଛି। ଉପ ମୁଖ୍ୟମନ୍ତ୍ରୀ ହେବାର ସୌଭାଗ୍ୟ ମଧ ମୁଁ ପାଇଥିଲି। ସେ ସବୁ ପାଇଁ ଧନ୍ୟବାଦ।" ସେ ନିଜ ଇଚ୍ଛାରେ ନିର୍ବାଚନ ରାଜନୀତିରୁ ଓହରି ଯିବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି।

## କର୍ଣ୍ଣାଟକ ବିଧାନସଭା ନିର୍ବାଚନ: ୧୮୯ ପ୍ରାର୍ଥୀଙ୍କ ନାଁ ଘୋଷଣା କଲା ବିଜେପି

ବେଙ୍ଗାଲୁରୁ,୧୧।୪(ପି.ଏନ): କର୍ଣ୍ଣାଟକ ବିଧାନସଭା ନିର୍ବାଚନ ଲାଗି ବିଜେପିର ପ୍ରାର୍ଥୀ ଘୋଷଣା କରିଛି। ପ୍ରଥମ ପର୍ଯ୍ୟାୟରେ ବିଜେପି ୧୮୯ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି। ୧୮୯ ପ୍ରାର୍ଥୀଙ୍କ ମଧ୍ୟରୁ ୫୨ ଜଣ ନୂଆ ପ୍ରାର୍ଥୀ ଥିବା ବେଳେ ୩୨ ଜଣ ଓବିସି ବର୍ଗରୁ ଓ ୩୦ ଜଣ ଅନୁସୂଚିତ ଜାତି ବର୍ଗରୁ ରହିଥିବା ସୂଚନା ମିଳିଛି। ସେହିପରି ଏମାନଙ୍କ ମଧ୍ୟରେ ୯ ଜଣ ଡାକ୍ତର, ୫ ଜଣ ଆଇନଜୀବୀ ଓ ୨ ଜଣ ଅବସରପ୍ରାପ୍ତ ପ୍ରଶାସକ ରହିଛନ୍ତି। ଏହି ତାଲିକାରେ ୮ ଜଣ ମହିଳାଙ୍କୁ ପ୍ରାର୍ଥୀ କରାଯାଇଛି। ଅନେକ ବିଧାୟକଙ୍କୁ ପ୍ରାର୍ଥୀ ତାଲିକାରୁ ବାଦ୍ ଦିଆଯାଇଥିବା ବେଳେ କଂଗ୍ରେସରୁ ଆସି ବିଜେପିରେ ଯୋଗ ଦେଇଥିବା ନେତାଙ୍କୁ ପ୍ରାର୍ଥୀ କରାଯାଇଛି ।ପ୍ରାର୍ଥୀ ତାଲିକା ନେଇ



ବିଜେପି ସାଧାରଣ ସଂପାଦକ ଅରୁଣ ସିଂହ ସୂଚନା ଦେଇଛନ୍ତି। ଖୁବ୍ ?ଶୀଘ୍ର ଦ୍ୱିତୀୟ ପର୍ଯ୍ୟାୟ ତାଲିକା ପ୍ରକାଶ ପାଇବ। ବିଜେପି ନିର୍ବାଚନ କମିଟି ଦିଲ୍ଲୀ ଠାରେ ବସି ଏହି ନିଷ୍ପତ୍ତି ନେଇଛି। ଏଠାରେ ମୋଟ ୨୨୪ ବିଧାନସଭା ସିଟ୍ ରହିଛି।

## ଏଥର ମୌସୁମୀ ସ୍ୱାଭାବିକ ରହିବ ବୋଲି କହିଲା ଆଇଏମଡି

ଭୁବନେଶ୍ୱର,୧୧।୪(ପି.ଏନ): ସବୁଥର ଭଳି ଏ ବର୍ଷ ମଧ ମୌସୁମୀ ସ୍ୱାଭାବିକ ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପୂର୍ବାନୁମାନ କରିଛି। ଆଜି ଆଇଏମଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ଏହି ସୂଚନା ଦେଇଛନ୍ତି। ତେବେ ଏଲ ନିନୋର ପ୍ରଭାବ ମୌସୁମୀ ବେଳେ ସୃଷ୍ଟି ହେବାର ଆଶଙ୍କା ରହିଛି। ତେଣୁ ଏହା ବର୍ଷାକୁ ପ୍ରଭାବିତ କରିପାରେ ବୋଲି କୁହାଯାଉଛି। ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ମୌସୁମୀ ପ୍ରଭାବରେ ୯୬% ବର୍ଷା ହେବ। ଏହାର ଅର୍ଥ ସ୍ୱାଭାବିକ ବର୍ଷା ହେବ। ୯୬%ରୁ +/– ୫ ବର୍ଷାକୁ ସ୍ୱାଭାବିକ ବର୍ଷା କୁହାଯାଏ। ତେବେ ମୌସୁମୀ କେବେ ପ୍ରବେଶ କରିବ ଓ କେଉଁ ଅଞ୍ଚଳରେ କେତେ ବର୍ଷା ହେବ, ସେକଥା ଆଇଏମଡି ଏବେ କହି ନାହିଁ। ଆସନ୍ତା ମାସ ପ୍ରଥମ ସପ୍ତାହରେ ଆଇଏମଡି ପକ୍ଷରୁ ବିସ୍ତୃତ ସୂଚନା ଦିଆଯିବ ବୋଲି ଜଣାପଡିଛି ।ସାରା ଦେଶରେ ସ୍ୱାଭାବିକ ବର୍ଷାର ଆକଳନ ହୋଇଥିଲେ ମଧ ଉତ୍ତର ପଶ୍ଚିମ ଭାରତର କିଛି ରାଜ୍ୟରେ ସ୍ୱାଭାବିକ ଠାରୁ କମ ବର୍ଷା ହେବାର ଆଶଙ୍କା ରହିଛି। ମୌସୁମୀ ବର୍ଷାର ପ୍ରଭାବ ଏଲ ନିନୋ ଉପରେ ନର୍ଭର କରିଥାଏ। ଏଲ ନିନୋର ପ୍ରଭାବ ପଡିଲେ ବର୍ଷାର ମାତ୍ରା ସାଧାରଣତଃ କମ ହୋଇଥାଏ। ଦକ୍ଷିଣ ଓ ପଶ୍ଚିମ ଭାରତରେ ଯଦି ମୌସୁମୀ ବର୍ଷା ଉପରେ ଏଲ ନିନୋର ପ୍ରଭାବ ପଡିବ, ତା'ହେଲେ ମରୁଡି ସମସ୍ୟା ମଧ ସୃଷ୍ଟି ହେବାର ଆଶଙ୍କା ରହିଛି। ମୌସୁମୀ ଉପରେ ଚାଷୀମାନେ ନିର୍ଭର କରନ୍ତି। ତେଣୁ ସମସ୍ତେ ଭଲ ମୌସୁମୀ ବର୍ଷାକୁ ଅପେକ୍ଷା କରିଛନ୍ତି।

## ଏହି ସବୁ ଜିଲ୍ଲାରେ ହେବ ପ୍ରବଳ ଖରା, ଜାରି ହେଲା ସତର୍କ ସୂଚନା



ଭୁବନେଶ୍ୱର,୧୧।୪(ପି.ଏନ): ଉତ୍ତର-ପଶ୍ଚିମ-ପଶ୍ଚିମରୁ ପ୍ରବାହିତ ତତଲା ବାୟୁ ଓଡିଶା ମଧ୍ୟକୁ ପ୍ରବାହିତ ହେବ। ଫଳରେ ଦିନର ତାପମାତ୍ରା ସ୍ୱଭାବିକଠାରୁ ୩ରୁ ୪ ଡିଗ୍ରୀ ବଢ଼ିବ। ବିଶେଷକରି ଆଭ୍ୟନ୍ତରିତ ଓଡିଶାରେ ଆସନ୍ତା ୪ ଦିନ ପାଇଁ ଅସହ୍ୟ ତାତି ଅନୁଭୂତ ହେବ। ଏହାର ଅର୍ଥ ଦିନର ତାପମାତ୍ରା ୪୦ ଡିଗ୍ରୀ ବା ତା'ଠାରୁ ଅଧିକ ୩ରୁ ୫ ଡିଗ୍ରୀ ରେକର୍ଡ ହୋଇପାରେ। ଏଥିପାଇଁ ଲୋକମାନେ ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ଘରୁ ବାହାରିବା ବେଳେ ପ୍ରତିଷେଧକମୂଳକ ବ୍ୟବସ୍ଥା ଗ୍ରହଣ କରନ୍ତୁ। ଏପରି ପାଗ ଆଗାମୀ ୪ରୁ ୫ଦିନ ପର୍ଯ୍ୟନ୍ତ ଲାଗି ରହିପାରେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

## ଅସାଧୁ ଅଧିକାରୀ ଓ କ୍ରସର ମାଲିକଙ୍କ ମିଳିଭଗତରେ ଚାଲିଛି ବେଆଇନ କ୍ରସର

କେନ୍ଦୁଝର ,୧୧।୪(ପି.ଏନ): କେନ୍ଦୁଝର ଜିଲ୍ଲାରେ ବେଧଡକ ଭାବେ ଚାଲିଛି ଏକାଧିକ ବେଆଇନ କ୍ରସର । ସବୁ କିଛି ଜାଣି ଶୁଣି ନୀରବ ଦ୍ରଷ୍ଟା ସାଜିଛି ଜିଲ୍ଲା ପ୍ରଶାସନ । ସାଧାରଣ ଲୋକଙ୍କ ସମସ୍ତ ଅଭିଯୋଗ ଡଷ୍ଟବିନକୁ ଯାଉଛି । ଏପରିକି ବନ ବିଭାଗ କ୍ରସରକୁ ସିଲ କରିବା ସହ ବାରମ୍ବାର ନୋଟିସ କରିବା ସତ୍ୱେ କିଛି ବି ପ୍ରଭାବ ପଡୁନାହିଁ ବେଆଇନ ଭାବେ ଚାଲିଥିବା ସେହି କ୍ରସର ମାଲିକଙ୍କ ଉପରେ। ଆର.ଟି.ଆଇ ହିଁ ଏ ସଂପକ୍ରିୟ ସମସ୍ତ ଗୋପନ ତଥ୍ୟ ପର୍ଦ୍ଦାଫାଶ କରିବାରେ ସମର୍ଥ ହୋଇଛି । କେନ୍ଦୁଝର ଜିଲ୍ଲା ଘଟଗାଁ ତହସିଲ ଅନ୍ତର୍ଗତ ଢେଙ୍କିକୋଟ ଆର.ଆଇ ସର୍କଲ ର ଘଟଂଘର ମୌଜାରେ ରହିଛି ରହିଛି ଏକ ଷ୍ଟୋନ କ୍ରସର । କିନ୍ତୁ ଏହି ଷ୍ଟୋନ କ୍ରସର ପାଇଁ ଆବଶ୍ୟକ ପଥର ପାଇଁ କ୍ରସର ମାଲିକଙ୍କ ପକ୍ଷରୁ ନିକଟସ୍ଥ ପାହାଡରେ ବିସ୍ପୋରଣ କରାଯାଉଛି । ବିସ୍ପୋରଣ ପାଇଁ ଆଇନଗତ ଅନୁମତି ନିଆଯାଉନଥିବା ମଧ ଅଭିଯୋଗ ହେଉଛି । କିନ୍ତୁ ଏହି ବିସ୍ପୋରଣ ଏତେ ଭୀଷଣ ରହୁଛି ଯେ ଏହାଦ୍ୱାରା ଦ୍ୱାରା ଆଖ ପାଖ ଗ୍ରାମରେ ଥିବା ଘର ଗୁଡିକରେ ଫାଟ ସୃଷ୍ଟି ହେବା ସହ ଘର ଗୁଡିକ ଅଧିକରୁ ଅଧିକ ଦୁର୍ବଳ ହୋଇ ପଡୁଛି। ଏପରି କି କେତେବେଳେ ବି ଭୁଷୁଡି ପଡିବାର ସମ୍ଭାବନା ରହୁଛି । ଯାହାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ବଢିବାରେ ଲାଗିଛି । ଘଟଗାଁ ତହସିଲ ଅନ୍ତର୍ଗତ ଖଟଂଘର ମୌଜାରେ ଖାତା ନଂ ୫୦ , ପ୍ଲଟ ନଂ ୩୬୮ ର ଘରବାଡି କିସମରେ ରହିଛି ୨୦୦ ଟିପିଏଚ୍ ଆଦିବାସୀ ଜମି । ଏହି ଘରବାଡି କିସମ ଜମି ଉପରେ ଶିବମ କନ୍ ?ଡେଭ ନାମକ ଏକ ଷ୍ଟୋନ କ୍ରସର ଚାଲୁଛି ଯାହାକୁ ନେଇ ବିବାଦ ବଢିବାରେ ଲାଗିଛି । ଖଣି ଲିଜ ସୀମା ମଧ୍ୟରେ ଏବଂ ଏହାଠାରୁ ୧ କି.ମି. ବ୍ୟାସାର୍ଦ୍ଧ ମଧ୍ୟରେ କୌଣସି କ୍ରସର ପ୍ରତିଷ୍ଠା ହୋଇ ପାରିବ ନାହିଁ ବୋଲି ସିଆର' ର କଡା ନିର୍ଦ୍ଦେଶ ରହିଥିଲେ ମଧ ତାହାକୁ ଖୋଲା ଖୋଲି ଉଲଘଂନ କରାଯାଇ ଦୀର୍ଘ ବର୍ଷ ହେବ ଏଠାରେ କିପରି କ୍ରସର ଚାଲିଛି ତାହା ହିଁ ସବୁଠାରୁ ବଡ ପ୍ରଶ୍ନ ହୋଇ ଛିଡା ହୋଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଯେ ଏନ.ଏଚ.ର ଅସଂପର୍ଣ୍ଣ କାର୍ଯ୍ୟ ଶେଷ କରିବା ଉଦ୍ଦେଶ୍ୟରେ ଖଜୁରୀଆଣି ଠାରେ ଏକ ପଥର ଖଣି ଲିଜ ଦିଆଯାଇଛି । କିନ୍ତୁ ପଥର ଖଣି ଠାରୁ ପ୍ରାୟ ମାତ୍ର ୨୦୦ମିଟର ମଧ୍ୟରେ ଖଟଂଘର ଠାରେ ସିବମ କନଡେଭ ସଂସ୍ଥା ଅସ୍ଥାୟୀ ଭାବେ କ୍ରସର ସ୍ଥାପନ ଅନୁମତି ପାଇଥିଲେ ମଧ କୌଣସି ଆଇନ କାନୁନକୁ ଅନୁସରଣ କରିନଥିଲା । ଏପରିକି କ୍ରସର ଧାର୍ଯ୍ୟ ସମୟସୀମା ୨୦୨୩ମସିହା ଜାନୁୟାରୀ ୩୧ତାରିଖରୁ ଶେଷ ହୋଇଯାଇଥିଲେ ମଧ ଏବେ ବି କ୍ରସର କିପରି କାର୍ଯ୍ୟକ୍ଷମ ରହିଛି ତାହା ବଡ ପ୍ରଶ୍ନ ଭାବେ ଛିଡା ହୋଇଛି । କ୍ରସର ନିକଟରେ ଥିବା ଖଟଂଘର, ପାରାଭାଡି ସାହୀ, ପ୍ରଧାନ ସାହୀ ଆଦିରେ ବାସକରୁଥିବା ପ୍ରାୟ ୫୦୦ରୁ ଉର୍ଦ୍ଧ ଲୋକମାନେ କ୍ରସର ପାଇଁ ପଥର ଖଣିରେ ହେଉଥିବା ବିସ୍ପୋରଣ ପାଇଁ ଆତଙ୍କିତ ଅବସ୍ଥାରେ ରହୁଛନ୍ତି । ଏପରିକି କ୍ରସରର ଧୂଳି ଧୂଆଁରେ ଲୋକମାନେ ଅଣନିଶ୍ୱାସି ହୋଇପଡିବା ସହ ଗ୍ରାମର ପୋଖରୀ, କୂଆ ଆଦି ସବୁ ପ୍ରଦୂଷିତ ହୋଇପଡୁଛି । ଅନ୍ୟ ପକ୍ଷରେ ଖଣି ଖନନ ସମୟରେ ୧୮ ଫୁଟ ଗଭୀରତାରୁ କମ୍ ଖନନର ନିୟମ ଥିଲେ ମଧ ଖଜୁରୀଜୁଆଣୀ କ୍ୱାରୀରେ ୫୦ ଫଟରୁ ଅଧିକ ଖନନ ହେଲାଣି । ସମଗ୍ର ଅଂଚଳରେ ଗୃହପାଳିତ ପଶୁ ,ବନ୍ୟପ୍ରାଣୀ ଙ୍କ ପାଇଁ ବିପଦ ସୃଷ୍ଟି ହୋଇଛି । କ୍ରସରର କନସେଟଂ ଟୁ ଏଷ୍ଟାବ୍ଲିସମେଟଂ ଓ କନସେଟଂ ଟୁ ଅପରେଟର ପ୍ରମାଣ ନଥିବାରୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ନୋଟିସ ପଠାଯାଇ ଦାୟିତ୍ୱ ଶେଷ କରି ବସିଯାଇଛି । ବନ ବିଭାଗ ପକ୍ଷରୁ ମଧ କ୍ରସର ବନ୍ଦ ପାଇଁ କଡା ନିର୍ଦ୍ଦେଶକୁ ବି ସଂସ୍ଥା ଖାତିର କରୁନାହିଁ । ତେବେ ଏସଂପର୍କରେ ସ୍ଥାନୀୟ ତହସିଲଦାରଙ୍କ ବକ୍ତବ୍ୟ ବେଶ ରହସ୍ୟପୂର୍ଣ୍ଣ ହୋଇପଡିଛି । ତେବେ ଏହା ଉପରେ ଦୃଢ କାଯ









# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜି ହେଉଛି ଡିସେମ୍ବର ୦୧ ତାରିଖ । ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

- ବିଶ୍ୱ ଏଡ୍‌ସ ଦିବସ
- ଭାରତୀୟ ସୀମା ସୁରକ୍ଷା ବାହିନୀ (ବିଏସ୍‌ଏଫ୍‌ ପ୍ରତିଷ୍ଠା ହୋଇଥିଲା (୧୯୬୫)
- ବିହାରର-ଲକ୍ଷ୍ମଣପୁର ବାଥେଠାରେ ରଣବୀର ସେନା ରଚାଇଲା ନରସିଂହାର (୧୯୯୭)
- ନାଗାଲାଣ୍ଡ ଭାରତର ୧୬ତମ ରାଜ୍ୟରେ ପରିଣତ ହେଲା (୧୯୬୩)
- ୟୁନାଇଟେଡ୍‌ ନେଶନ୍‌ରେ ଯୋଗଦେଲା ଆଙ୍ଗୋଲା (୧୯୬୭)
- ବେନଜୀର ଭୁଟ୍ଟୋଙ୍କୁ ପାକିସ୍ତାନର ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତି କରାଗଲା (୧୯୮୮)

## ପ୍ଲାଷ୍ଟିକ୍‌ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍‌ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍‌ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‌ୟାପ୍‌ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍‌ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

## ଚର୍ଚ୍ଚାରେ 'ହରାମ୍‌ଖୋର'

ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି । ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା । ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି । ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ । ଶ୍ଳୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ । ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ



ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି । ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି ।

## ପୁରାଣ କାହାଣୀ

# କୁଟୁମ୍ବେଶ୍ୱର ମହାଦେବଙ୍କ ମହାତ୍ମ୍ୟ



ସଂସାର ହିତ ଲାଗି ସୋମବତୀ ଅମାବାସ୍ୟା କୁଟୁମ୍ବେଶ୍ୱର ଲିଙ୍ଗଙ୍କୁ ଦର୍ଶନ କଲେ କୁଟୁମ୍ବ ବୃଦ୍ଧି ପାଇବା ସହ ସମସ୍ତ ପାପ ଦୂର ହୋଇଥାଏ । ରବିବାର, ସୋମବାର, ଅଷ୍ଟମୀ, ଚତୁର୍ଦ୍ଦଶୀ ତଥା ସୋମବତୀ ଦିନ ଶିପ୍ରା ନଦୀରେ ସ୍ନାନ କରି କୁଟୁମ୍ବେଶ୍ୱରଙ୍କୁ ଦର୍ଶନ କଲେ ସୁଫଳ ମିଳିଥାଏ । ଏହାସହ ସ୍କନ୍ଦ ପୁରାଣରେ କୁଟୁମ୍ବେଶ୍ୱରଙ୍କ ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି । ଏକଦା ଦେବତା ଓ ରାକ୍ଷସ ସମୁଦ୍ର ମନ୍ଥନ କରୁଥିବା ବେଳେ ବିଷ ଉତ୍ପନ୍ନ ହେଲା । ଏହାଦେଖି ରାକ୍ଷସ ଓ ଦେବତାମାନେ ବିଚଳିତ ହୋଇ ଉଠିଲେ । ସେମାନେ ଭଗବାନ ଶିବଙ୍କ ନିକଟକୁ ଯାଇ ସମସ୍ତ କଥା ପ୍ରକାଶ କରି ବିଷକୁ ଦୂର କରିବା ଲାଗି ପ୍ରାର୍ଥନା କଲେ । ମହାଦେବ ସମସ୍ତ କଥା ଶୁଣିବା ପରେ ମୟୂର ରୂପ ଧାରଣ କରି ସେହି ବିଷକୁ ପାନ କରିବା ଦ୍ୱାରା ତାଙ୍କ କଣ୍ଠ ନୀଳ ପଡିଗଲା । କିନ୍ତୁ ମହାଦେବ ଏହି ବିଷକୁ ଦୂର କରିବା ଲାଗି ଶିପ୍ରା ନଦୀକୁ ଆଦେଶ ଦେଲେଯେ ଏହି ବିଷକୁ ନେଇ ସେ ମହାକାଳ ବଣରେ ଥିବା କାମେଶ୍ୱରସ୍ଥିତ ଏକ ଲିଙ୍ଗ ଉପରେ ଚଢ଼ାଇ ଦିଅ । ମା' ଶିପ୍ରା ନଦୀ ଉକ୍ତ ବିଷକୁ ନେଇ ଲିଙ୍ଗ ଉପରେ ଢ଼ାଳିଦେଲେ । ବିଷର ପ୍ରଭାବରେ ଯେଉଁ ପ୍ରାଣୀ ତାଙ୍କୁ ଦର୍ଶନ କରୁଥିଲେ ସେମାନେ ମୋକ୍ଷ ପ୍ରାପ୍ତ କରୁଥିଲେ । କିଛି ବ୍ରାହ୍ମଣ ତୀର୍ଥ ଯାତ୍ରା କରିବା ଲାଗି ଏହି ଲିଙ୍ଗ ନିକଟକୁ ଆସି ଦର୍ଶନ କଲେ । ଦର୍ଶନ ଫଳରେ ସମସ୍ତ ବ୍ରାହ୍ମଣ ଦେହତ୍ୟାଗ କଲେ ଏହାଦ୍ୱାରା ତାଙ୍କ କୁଟୁମ୍ବ ଲୋପ ପାଇବାକୁ ଲାଗିଲା । ଏହା ଦେଖି କିଛି ବ୍ରାହ୍ମଣ ତାଙ୍କ କୁଟୁମ୍ବକୁ ବଞ୍ଚାଇବା ଲାଗି ଭଗବାନ ଶିବଙ୍କୁ ପ୍ରାର୍ଥନା କଲେ ଉକ୍ତ ପ୍ରାର୍ଥନାକୁ ସ୍ୱୀକାର କରି ମହାଦେବ କହିଲେ ରାଜା ଲକୁଳିଶ ଏହି ଲିଙ୍ଗକୁ ଦର୍ଶନ କଲେ ବିଷର ପ୍ରଭାବ ଆପେ ଆପେ ଦୂର ହୋଇଯିବ । ଏହି ଲିଙ୍ଗକୁ କୁଟୁମ୍ବେଶ୍ୱର କୁହାଯିବ କହି ମହାଦେବ ଅନ୍ତର୍ଦ୍ଧାନ ହୋଇଗଲେ ସେବେଠାରୁ ଏହି ଲିଙ୍ଗର ନାମ କୁଟୁମ୍ବେଶ୍ୱର ରହି ଆସିଛି ।

# ୫୦୦ କୋଟି ବନାମ ୫୦୦ଟଙ୍କା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାକରଣ ନୀତି ସତ୍ତ୍ୱେ ଦେଶବାସୀ ଦେଖିଥିଲେ କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଖଣି ମାଲିକ ଜନାର୍ଦ୍ଦନ ରେଡ୍ଡୀଙ୍କ ଝିଅ ବ୍ରାହ୍ମଣୀଙ୍କ ୫୦୦ କୋଟିର ବିବାହ । ବିବାହ କାର୍ଡ, ପୋଷାକଠାରୁ ଆରମ୍ଭ କରି ଭୋଜିଭାତରେ ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା । ଏବେ କିନ୍ତୁ ଦେଶବାସୀ ଏହି ନୀତିର ଅପରପାର୍ଶ୍ୱ ଦେଖିବାକୁ ପାଇଛନ୍ତି । ସାଧାରଣ ଜନତା ଏହି ନୀତି ଦ୍ୱାରା କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ସାଜିଛି ସୁରଟର ଦକ୍ଷା ପରମାର୍‌ ଓ ଭାରତ ମାରୁଙ୍କ ମାତ୍ର ୫୦୦ ଟଙ୍କାର ବିବାହ । ସୁରଟର ଏକ ଇଲେକଟ୍ରିସିଟି କମ୍ପାନୀରେ ଟେକ୍‌ନିସିଆନ ଭାବେ କାର୍ଯ୍ୟ କରୁଥିବା ରାଜ୍‌ ପରମାର୍‌ ନିଜ ଝିଅ ଦକ୍ଷାଙ୍କ ବିବାହ ଠିକ୍‌ କରିଥିଲେ କମ୍ପ୍ୟୁଟର ଇଞ୍ଜିନିୟର ଭାରତ ମାରୁଙ୍କ ସହ । ଦୀପାବଳି ପୂର୍ବରୁ ଉଭୟ ପରିବାରର ମିଳାମିଶା ପରେ ବିବାହ ତାରିଖ ଦୀପାବଳି ପରେ ତଥା ନଭେମ୍ବର ୨୪କୁ ନିର୍ଦ୍ଧାରଣ କରାଯାଇଥିଲା । ଏହା ମଧ୍ୟ ସ୍ଥିର କରାଯାଇଥିଲା କି ଖୁବ୍‌ ଧୂମ୍‌ଧାମରେ ବିବାହ କରାଯିବ । ମାତ୍ର ୮ ତାରିଖରେ ୫୦୦ ଓ ୧୦୦୦ ଟଙ୍କିଆ ଅଚଳ ଉପରେ ଭାଷଣ ଶୁଣିବା ପରେ ଚିନ୍ତାରେ ଆସିଯାଇଥିଲେ ଉଭୟ ପରିବାର । ଜାକଜମକରେ କରିବାକୁ ଥିବା ବିବାହ ଆଶା ମଉଳି ଯାଇଥିଲା ସେମାନଙ୍କର । ନିର୍ଦ୍ଧାରିତ ତାରିଖ ପରିବର୍ତ୍ତେ ଅନ୍ୟ ତାରିଖରେ ବିବାହ କରିବା ପାଇଁ ଯୋଜନା କରିବାକୁ ଆରମ୍ଭ କରିଥିଲେ । କିନ୍ତୁ ସେହି ସମୟରେ ଦକ୍ଷା ଏକ ଉପାୟ ଚିନ୍ତା କରିଥିଲେ । ସେ ବିନା ଆଡମ୍ବରରେ ଭୋଜିରେ କେବଳ ଚା ଓ ପାଣିର ବ୍ୟବସ୍ଥା କରି ବିବାହ କରିବାର ପ୍ରସ୍ତାବ ପରିବାର ସଦସ୍ୟଙ୍କୁ ଦେଇଥିଲେ । ପ୍ରଥମେ ପରିବାର ଲୋକଙ୍କୁ ଦକ୍ଷାଙ୍କ ଏହି ପ୍ରସ୍ତାବ ଉଚିତ ଲାଗିନଥିଲା । କିନ୍ତୁ ବାରମ୍ବାର ବୁଝାଇବା ପରେ ସେମାନେ ରାଜି ହୋଇଥିଲେ । ପରେ ଉଭୟ ଦକ୍ଷା ଏବଂ ତାଙ୍କ ପରିବାର ସଦସ୍ୟ ମିଶି ଭାରତଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ । ପ୍ରଥମେ ମଧ୍ୟ ଭାରତଙ୍କ ପରିବାର ଠାରୁ ଅନୁରୂପ ପ୍ରତିକ୍ରିୟା ମିଳିଥିଲା । ମାତ୍ର ପରେ ସେମାନେ ମଧ୍ୟ ରାଜି ହୋଇଯାଇଥିଲେ । କାରଣ ତାଙ୍କ ପାଇଁ ପିଲାମାନଙ୍କ ବିବାହ ଅଧିକ ଗୁରୁତ୍ୱ ରଖୁଥିଲା ସେଥିରେ ଖର୍ଚ୍ଚର ପରିମାଣ ନୁହେଁ । ଦୁଇ ପରିବାରର ସମ୍ମତିରେ ବିନା ଜାକଜମକରେ ବେଦ୍‌ ରୋଡ ଠାରେ ଥିବା ଏକ କମ୍ୟୁନିଟି ହଲ୍‌ରେ ଆୟୋଜିତ ହୋଇଥିଲା ବିବାହ । ସେଥିରେ କନ୍ୟାପକ୍ଷରୁ ପ୍ରାୟ ୫୦ ଜଣ ଓ ବର ପକ୍ଷରୁ ପ୍ରାୟ ୧୨୫ ରୁ ୧୫୦ ଜଣ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ । ସମସ୍ତ ଅତିଥିଙ୍କୁ ଭୋଜିରେ ଦିଆଯାଇଥିଲା ଗୋଟିଏ ଗ୍ଲାସ ପାଣି ଓ କପେ ଚା । ଏପରି ବିବାହରେ ଅତିଥି ମାନେ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷା ଓ ଭାରତଙ୍କ ଏହି ବିବାହକୁ ପ୍ରଶଂସା କରିଛନ୍ତି । ମନ୍‌ କୀ ବାତ୍‌ କାର୍ଯ୍ୟକ୍ରମରେ ସେ କହିଛନ୍ତି ମୁଁ ଚାଏ ପେ ଚର୍ଚ୍ଚା ଆରମ୍ଭ କରିଥିଲି କିନ୍ତୁ ଏହି ଚା ଏବେ ବିବାହ ମଣ୍ଡପରେ ପହଞ୍ଚି ଗଲାଣି ଜାଣି ଖୁସି ଲାଗୁଛି ।



## ଆଜିର ଭାଗ୍ୟ

**ମେଷ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

**ବୃଷ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**ମିଥୁନ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**କର୍କଟ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ସିଂହ** – ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**କନ୍ୟା** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ତୁଳା** – ହଠାତ୍‌ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ବିଛା** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**ଧନୁ** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ମକର** – ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍‌ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**କୁମ୍ଭ** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**ମୀନ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

# ଲାଭଦାୟକ ୱେବ୍‌ସାଇଟ୍‌



ଅନ୍‌ଲାଇନ୍‌ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍‌ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍‌ ନ୍ତରେଣ୍ଟଏବାଇଫଅଟୋବା ଡଟ୍‌ କମ୍‌'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍‌ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍‌ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ ଉପଲବ୍ଧ କରେଇଥାଏ । ଏଠାରେ ଆପଣଙ୍କୁ ଭଲ ପାଉଥିବା ମାତା-ପିତା ମଧ ମିଳିଥାନ୍ତି । ଏହା ବ୍ୟତୀତ ଏହା ଏପରି ଏକମାତ୍ର ୱେବ୍‌ସାଇଟ୍‌ ଯାହା ଅନ୍ତଃବସ୍ତ୍ରକୁ ଭଡ଼ାରେ ଦେଇଥାଏ । ଯଦି ଆପଣ ଆପଣଙ୍କର ବୋରିଂନେସ୍‌କୁ ଦୂର କରିବାକୁ ଚାହୁଁଛନ୍ତି ତେବେ ଆବଶ୍ୟକ ହେଲେ ଏକ ଛୋଟ ସୁନ୍ଦର ଶିଶୁ ସହିତ ମଧ ସମୟ ଅତିବାହିତ କରିପାରିବେ । ଯଦି ଆପଣଙ୍କ ପାଖରେ ସମୟ ନାହିଁ କିମ୍ବା ଆପଣ ପିଲାଙ୍କ ସ୍କୁଲ ଘରପାଠ କରିବାରେ ସାହାଯ୍ୟ କରି ପାରୁନାହାନ୍ତି ତେବେ ଏହି ୱେବ୍‌ସାଇଟଟି ଆପଣଙ୍କ ପାଇଁ ଏପରି ଏକ ବ୍ୟକ୍ତି ଠିକ୍‌ କରିଦେବେ ଯିଏ ଆପଣଙ୍କ ପିଲାର ଘରପାଠ କରିବାରେ ମଧ ସାହାଯ୍ୟ କରିବ ।

# ମୃତ୍ୟୁକୁ ନେଇ ଆତଙ୍କ



ଭୟଙ୍କର ଗାଁ ନାମ ଶୁଣିବା କ୍ଷଣି ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ । କ'ଣ ପାଇଁ ଗାଁର ଏପରି ବିଚିତ୍ର ନାମ ରହିଛି ? ଏହା ପଛରେ ରହସ୍ୟ କ'ଣ ଜାଣିବାକୁ ମଧ ଜିଜ୍ଞାସା ଯାତ ହୋଇଥାଏ । ପଙ୍ଗାପୁରର ବଡଗାଓଁ ଭୟଙ୍କର ଗ୍ରାମ ଭାବେ ପ୍ରସିଦ୍ଧ । ଏହି ଗ୍ରାମରେ ଆଜିକୁ ୨୨ ବର୍ଷ ତଳେ ଜଣେ ବ୍ୟକ୍ତିର ମୃତୁ ଘଟିଥିଲା । ବାଶ୍‌ ତା' ପରେ ବିଗତ ୨୨ ବର୍ଷର ଠାରୁ ପ୍ରତି ଦଶ ଦିନ ଅନ୍ତରରେ ପ୍ରତ୍ୟେକଙ୍କ ଘରୁ ଜଣେ ଲେଖାଏଁ ସଦସ୍ୟଙ୍କର ମୃତ୍ୟୁ ହେବାରେ ଲାଗିଛି । ଗ୍ରାମବାସୀମାନେ କେବଳ ଚିନ୍ତାରେ ରହିଥାନ୍ତି ଯେ, କାହାର ମୃତ୍ୟୁ ଘଟିଲା ଏବଂ ଏବେ ଆଉ କାହାର ପାଳି ପଡିବ । ଏହାକୁ ଗ୍ରାମବାସୀଙ୍କ ଦୁର୍ଭାଗ୍ୟ କୁହାଯିବ ନା ଅନ୍ଧବିଶ୍ୱାସ ନା ଆଉ କିଛି ? ବରିଷ୍ଠ ବ୍ୟକ୍ତି, ଡାକ୍ତର ଓ ଶିକ୍ଷକ ଏସବୁ ବିଶ୍ୱାସ କରିବାକୁ ବାଧ୍ୟ । କିଛି ରୋଗ ନଥାଇ ଆଖି ସାମନାରେ ଭଲ ଲୋକଙ୍କର ଏଠାରେ ମୃତ୍ୟୁ ହେବାରେ ଲାଗିଛି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ଅପ୍ରେଲ ୧୨

# ସାଧନା ମାର୍ଗ ଅନେକ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ପାଣ୍ଡବ ପାଞ୍ଚ ଭାଇ ଓ ତାଙ୍କ ସମୂହଙ୍କ ପତ୍ନୀ ଦ୍ରୌପଦୀ ପଥଚାରୀ ହୋଇ ସ୍ୱର୍ଗକୁ ମର୍ତ୍ତ୍ୟ ଲୋକରୁ ଯିବେ, ସଂକଳ୍ପ କରି ଏକ ଅଚିହ୍ନା ଅଗମ୍ୟ ପଥରେ ଚାଲିଲେ । ପଥରେ ଏକ କୁକୁର ତାଙ୍କ ସହିତ ଚାଲିଲା ହେଲେ ସମସ୍ତ ଆଗରେ ଯୁଧିଷ୍ଠିର ତାର ପଛରେ ଓ ଭୀମ, ଅର୍ଜୁନ, ନକୁଳ ସହଦେବ ପଛକୁ ପୁଣି ସବା ପଛରେ ଦ୍ରୌପଦୀ ମହାରାଣୀ କଳ୍ପନାରେ ସ୍ୱର୍ଗକୁ ଯିବା ସତରେ ସତ୍ୟ ହେବ ଏଇ ଭାବନା ଶାସ୍ତ୍ରଲେଖା ଋଷିବାକ୍ୟ ଏଇ ବିଶ୍ୱାସକୁ ପାଥେୟ କରି ସେମାନେ ଶ୍ୱାନର ପଛା କରୁଛନ୍ତି । ଚାରି ଦିନ ପରେ ଦିନେ ସ୍ୱାମୀ ହୁଅନ୍ତି ଓ ଅନ୍ୟ ଚାରି ଦିନ (ଦେବର) ଦିଅର ହୁଅନ୍ତି ସହଦେବ ଯେ ଜଣେ ଆଗତ ଭବଷ୍ୟତ କଥକ ତେବେ ସେ ଲାଗ୍ନିକ ଜ୍ୟୋତିଷ ଥିଲେ କୌଣସି ଘଟଣାର ସମ୍ବନ୍ଧରେ ପୃଚ୍ଛକଙ୍କ ପ୍ରଶ୍ନ ହେଲେ ତତକାଳ ଗ୍ରହସ୍ଥିତିକୁ ନେଇ ଲଗ୍ନରୁ ଭାବ ସମ୍ବନ୍ଧ ଗ୍ରହ ମାନଙ୍କୁ ଧରି ସେ ତାର ସୂଚନା ଦୈବଜ୍ଞା ଭାବରେ କହିଥାନ୍ତି । ଦିଅର ଭାଉଜ ଥଟ୍ଟା ମଜାକୁ ପୁଣି ସ୍ୱାମୀ ସମ୍ବନ୍ଧରେ ପ୍ରକୃତରେ ଭାଉଜଙ୍କର ଦରକାରୀ ଦ୍ରବ୍ୟ କେବଳ ଛିଟି ପିଲା (ଛୋଟୁ ଆଣି ଯୋଗାଇବାରେ କିଛି ବାଧା ନଥିଲା । ଅତଏବ ପ୍ରକୃତରେ ଅନ୍ତରଙ୍ଗ ସମ୍ବନ୍ଧ ସହଦେବଙ୍କ ସହିତ ଦ୍ରୌପଦୀଙ୍କର ବହୁ କ୍ଷେତ୍ରରେ ରହିବା ସ୍ୱାଭାବିକ । ସ୍ୱାମୀଙ୍କ ପିଛା ସ୍ତ୍ରୀ ଧରିବା ବା ପଥ ଅନୁସରଣ କରିବାରେ ସହ ମରଣରେ ସ୍ତ୍ରୀ ଧର୍ମ ଧରାଯାଏ । ଏଥିରେ ଦ୍ରୌପଦୀ ଚାଲିଛନ୍ତି ରାଜକନ୍ୟା ଦ୍ରୌପଦୀ ପୁଣି ବୀରଙ୍କ ପତ୍ନୀ । ସବୁଠାରୁ ଆଶ୍ଚର୍ଯ୍ୟ ଦ୍ୱାରିକାଧୀଶ ଶ୍ରୀକୃଷ୍ଣଙ୍କୁ ସେ ସ୍ମରଣମାତ୍ରେ ତାଙ୍କର ସବୁ ସିଦ୍ଧି ଆସିଯାଇଥାଏ । ସେ କୃଷ୍ଣ ଏ କୃଷ୍ଣା ପାଣ୍ଡବ ରମଣୀ ହେଲେ ବି ଶ୍ରୀକୃଷ୍ଣଙ୍କ ଚିନ୍ତନ ତାଙ୍କ ସଦା ହୃଦୟରେ ରହିଥିଲା । କେତେ ଶୁଦ୍ଧ ଆଚରଣ କାୟଶୁଦ୍ଧି, ଆଚମନ ପବିତ୍ରୀକରଣ ସ୍ନାନ ଶୌଚ ହୋଇ ପୁରୋହିତ ବ୍ରାହ୍ମଣଙ୍କୁ ଲଗାଇ ଦେବ ଆରାଧନା କରନ୍ତି ଭକ୍ତତଃ ଅନେକ ପ୍ରକାରରେ ଦେବତାଙ୍କୁ ଆରାଧନା ପ୍ରାର୍ଥନା କରନ୍ତି । ଏ ମଧ୍ୟରେ ଆର୍ଥାର୍ଥୀ, ଜ୍ଞାନୀ, ଜିଜ୍ଞାସୁ ଓ ଆର୍ତ୍ତୀ ପ୍ରଧାନ । ଆରତ କାଳରେ ଡାକି ଭଗବାନଙ୍କ ସହାୟ ପାଇବାରେ ଅନ୍ୟତମା ଥିଲେ ଦ୍ରୌପଦୀ ମାସିକ ରକ୍ତସ୍ରାବ ଚାଲିବା ସମୟରେ ରାଜସଭାରେ ସ୍ୱାମୀ ମାନଙ୍କୁ ଖେଳରେ ରାଜଦଣ୍ଡ ଲଗାଇ ତାଙ୍କୁ ନିଷ୍କ୍ରିୟ କରାଇ ଦ୍ରୌପଦୀଙ୍କୁ ଉଲଗ୍ନ କରାଯିବା ପରିସ୍ଥିତିରେ ଦୁର୍ଦ୍ଦାନ୍ତ ଦୁଃଶାସନ ବଳରୁ ରକ୍ଷା ପାଇବାରେ ସେ ସକ୍ଷମ ହୋଇଥିଲେ । ଏପରି ଅନେକ ଆରତ କାଳରେ ସେ ପ୍ରଭୁଙ୍କର କରୁଣା ପାଇଥିଲେ । ଏମିତି ଜଣେ ନାରୀ ନିଜର ବାଳୁତ ପାଞ୍ଚପୁଅଙ୍କୁ ଦ୍ୱାରିକାଧିଶ କୃଷ୍ଣଙ୍କ ରାଜବାଟୀକୁ ପଠାଇ ଜଙ୍ଗଲ ବାସ ପାଇଁ ସ୍ୱାମୀ ମାନଙ୍କ ସହିତ ଯାଇଥିଲେ । ହେଲେ ତାଙ୍କରି ଶୟନ କକ୍ଷରେ ପାଞ୍ଚପୁଅଙ୍କର ହତ୍ୟା, ଗୁରୁପୁତ୍ର ଅଶ୍ୱତ୍ଥମା କରିବା ବେଳେ ସେ କେତେ ବୁକୁ ଫଟାଇ କାନ୍ଦିନଥିବେ । ଗର୍ଭବେଦନା ସହ୍ୟ କରିବା ନାରୀ ସନ୍ତାନର ମୃତ୍ୟୁ ତାର ଆଗରେ ଦେଖିଲେ କେତେ ଦୁଃଖ ହୋଇନଥିବ । ଏପରି ଅବସ୍ଥାରେ ସ୍ୱର୍ଗଗାମୀ ଯୁଧିଷ୍ଠିରଙ୍କ ପଦାଙ୍କ ଅନୁସରଣ କରି ଭାଇମାନେ ଓ ଜାୟା ଚାଲିଛନ୍ତି, କିନ୍ତୁ ସ୍ୱର୍ଗପଥ ଅନେକ ଦୁର୍ଗମ, ଏ ଦୁର୍ଗମ ପଥରେ ଚାଲିବା ଅନେକ କଷ୍ଟ । ଏ କଷ୍ଟ ଦ୍ରୌପଦୀ ସହି ସହି ଅତି ଅସହ୍ୟରେ ରାସ୍ତାରେ ପଡ଼ିଗଲେ ଆଗେ ଆଗେ ସହଦେବ ଥିଲେ ସେ ପଛକୁ ଚାହିଁଲେ ସହାୟ ନିଜେ କରିବାକୁ ବାହାରିବା ସହିତ ଯୁଧିଷ୍ଠିରକୁ ଘଟଣା ମୁଖ୍ୟ ଆୱାଜ କରି ଡାକିଲେ ହେଲେ ଯୁଧିଷ୍ଠିର ତାଙ୍କୁ ତାଙ୍କ ସହ ଆଉ ସମୟ ନଦେଇ ରାସ୍ତରେ ଚାଲ କହିବାରେ ଏକ ନୈରାଶ୍ୟରେ ଦୁଃଖରେ ସହଦେବ ଭାଇଙ୍କ ପଦାଙ୍କ ଅନୁସରଣ କଲେ । ସ୍ନେହ, ପ୍ରେମ, ଭଲ ପାଇବା, ସୋହାଗମାନ, ଅଭିମାନ, କୃତ୍ରିମ କ୍ରୋଧ ସବୁ ମାୟାର ଏକ ଏକ ଜାଲ, ଏକକୁ ଏକ ଆକର୍ଷଣର ଅଦୃଶ୍ୟ ବନ୍ଧନ, ସଂସାର ତ୍ୟାଗୀମାନେ ଏହାକୁ ଛାଡ଼ିବାକୁ ପଡ଼େ । ସଂସାର ତ୍ୟାଗୀ ସନ୍ନ୍ୟାସୀଙ୍କର ଏହା ହିଁ ନଧ୍ୟୟବା ଲୟ । ଏକ ଚିନ୍ତା ଏକ ପ୍ରାପ୍ତିର ଇଚ୍ଛା ତାହା ଈଶ୍ୱର ହୁଅନ୍ତୁ, ସ୍ୱର୍ଗଧାମ ହେଉ ବା ଗୋଲୋକ ବା ବ୍ରହ୍ମଲୋକ ହେଉ । ସଂସାରରେ ବହୁ ଉପପଥ ମୁଖ୍ୟ ମାନଙ୍କୁ ବାହାରିଛି । ଯେ ମୁଖ୍ୟ ମାର୍ଗଗାମୀ ସେ ଏସବୁ କେବେ ଚାହେଁନାହିଁ । ସେପରି ହୋଇଥିଲା ଯୁଧିଷ୍ଠିର ତାହା ଉଦ୍ଦେଶ୍ୟ ଥିଲା । ଶ୍ୱାନଟି ପଥ କଢ଼ାଉଛି ପଛରେ ଭାତୃମାୟା ଜାୟା ମାୟା ତାଙ୍କୁ କକ୍ଷଚ୍ୟୁତ କରି ନଥିଲା । ଶ୍ୱାନଟି ହୀନ ଜୀବ ଧରାଯାଏ କିନ୍ତୁ ପଥରେ ଖାଦ୍ୟ ନାହିଁ ଜଳ ନାହିଁ ବିଶ୍ରାମ ପାଇଁ ଚଟୀଘର ନାହିଁ ସେ ଅବିଶ୍ରାମ ଆଗେ ଆଗେ ଧାଉଁଛି ସେ ବି ପଛକୁ ଚାହୁଁ ନାହିଁ । ଏଇ ଦୁରଙ୍କ ପରି ସାଧନ ବିରଳ ଶ୍ୱାନ ଶକୁଳକୁ କେହି ଅଶୁଭ ବି ଧରନ୍ତି କିନ୍ତୁ ଯୁଧିଷ୍ଠିରଙ୍କ ପାଇଁ ସେ ଥିଲା ଶୁଭ ଶକୁନ । ଯୁଧିଷ୍ଠିର ଶବ୍ଦଟିର ଅର୍ଥ ଯୁଦ୍ଧରେ ଯେ ସ୍ଥିର, ଯୁଦ୍ଧ ସର୍ବଦା ସବୁଥିରେ ମନୁଷ୍ୟ ପାଇଁ ରହିଛି । ସେଥିରେ ଷ୍ଟପ, ହଲ୍ଟ ଲଗାଇ ବରିକ୍ତି ଭାବିଚିନ୍ତି ଆଗେଇଲେ ସଠିକ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ହେବ ।

'ବରେଣ୍ୟ ବାଣୀ' ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ,
ଦୂରଭାଷ : ୯୪୩୭୦୩୧୨୫୩

# ସିଙ୍ଗଲ ୟୁଜ ପ୍ଲାଷ୍ଟିକ ସମ୍ପୂର୍ଣ୍ଣ ହଟାଯାଉ



ଗିରିଧାରୀ ସାମଲ

କେନ୍ଦ୍ର ଗୃହନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ପୁନର୍ବାର ଦେଶର ସମସ୍ତ ପୌର ସଂସ୍ଥାକୁ ସିଙ୍ଗଲ ୟୁଜ ବା ଏକକ ବ୍ୟବହାର ପ୍ଲାଷ୍ଟିକକୁ ହଟାଇବାକୁ କହିଛନ୍ତି । କାରଣ ଏହା ପ୍ରଦୂଷଣର ଏକ ପ୍ରଧାନ ଉତ୍ସ । ଗତ ବିଶ୍ୱ ପରିବେଶ ଦିବସ ପୂର୍ବରୁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି । ଅତୀତରେ ଏପରି ନିର୍ଦ୍ଦେଶ ବହୁବାର ଦିଆଯାଇଥିଲା । ଗଲା ଫେବୃଆରୀରେ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ସବୁପୌର ସଂସ୍ଥାକୁ ଆଗାମୀ ଜୁଲାଇ ପହିଲାରୁ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲା । ଦେଶରେ ଥିବା ୪୭୦୦ରୁ ଉର୍ଦ୍ଧ୍ୱ ପୌର ସଂସ୍ଥାରୁ ୨୫୦୦ଟି ସଂସ୍ଥା ଏହି ନିଷେଧାଦେଶ ବିଜ୍ଞପ୍ତି ପ୍ରକାଶ କରିସାରିଲେଣି । ଯେଉଁମାନେ ଉକ୍ତ ନିଷ୍ପତ୍ତିକୁ ଲାଗୁ କରିନାହାନ୍ତି ସେମାନଙ୍କୁ ମନେ ପକାଇ ଦେବା ଲାଗି ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ଏବେକାର ନିର୍ଦ୍ଦେଶନାମା ଜାରି କରିଛି । କିନ୍ତୁ ପୌର ସଂସ୍ଥାଗୁଡ଼ିକ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବ୍ୟବହାର ନିଷେଧ ବିଜ୍ଞପ୍ତି ପ୍ରକାଶ କରିବା ଲାଗି ରାଜ୍ୟ ସରକାର ଗୁଡ଼ିକ ନିର୍ଦ୍ଦେଶ ଦେବା ଦରକାର । କାରଣ ରାଜ୍ୟ ସରକାର ଗୁଡ଼ିକ ହିଁ ସେମାନଙ୍କର ଅସଲ କର୍ତ୍ତୃପକ୍ଷ । ମନ୍ତ୍ରଣାଳୟ ମଧ୍ୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବାକୁ କହିଛନ୍ତି । ତନ୍ମଧ୍ୟରେ ସଫେଇ ଓ ଚାଲିଲା ବେଳେ ଅଳିଆ ଉଠାଇବା, ଦୈନନ୍ଦିନ ବ୍ୟବହାରରୁ ପ୍ଲାଷ୍ଟିକ ଦୂର କରିବାର ଆବଶ୍ୟକତା ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଅନ୍ତର୍ଭୁକ୍ତ । ମନ୍ତ୍ରଣାଳୟ ମଧ୍ୟ ପରାମର୍ଶ ଦେଇଛନ୍ତି ଯେ, ସିଙ୍ଗଲ ୟୁଜ ପ୍ଲାଷ୍ଟିକର ବିକଳ୍ପ ଭାବେ କପଡ଼ା, ଝୋଟ ଓ ଅନ୍ୟାନ୍ୟ ପଚି ପାରୁଥିବା ସାମଗ୍ରୀକୁ ଚିହ୍ନଟ କରି ସେ ସବୁର ବ୍ୟବହାରକୁ ବଢ଼ାଯିବା ଦରକାର । ଗତ କିଛି ବର୍ଷ ମଧ୍ୟରେ ପରିବେଶ ଉପରେ ପ୍ଲାଷ୍ଟିକର କ୍ଷତିକାରକ ପ୍ରଭାବକୁ ସାଧାରଣ ଲୋକେ କିଛିଟା ବୁଝିଲେଣି । ଗଣମାଧ୍ୟମ ଓ ଅନ୍ୟାନ୍ୟ ପନ୍ଥାରେ ସଚେତନତା ସୃଷ୍ଟି ଯୋଗୁଁ ଏହା ସମ୍ଭବ ହୋଇଛି । ସେ ସବୁର ବ୍ୟବହାରକୁ ଏଡ଼ାଇବା କ୍ଷେତ୍ରରେ କିଛିଟା ଅଗ୍ରଗତି ହେଲାଣି । କିନ୍ତୁ ସମସ୍ୟା ହେଲା ମୂଲ୍ୟ, ସୁବିଧା ଓ ବିକଳ୍ପ ଦ୍ରବ୍ୟ ମିଳିବା । ସେଥିଯୋଗୁଁ ଦୈନନ୍ଦିନ ବ୍ୟବହାରରୁ ପ୍ଲାଷ୍ଟିକକୁ ସମ୍ପୂର୍ଣ୍ଣ ଭାବେ ହଟାଇବାର ଯୋଜନା ବାଧାପ୍ରାପ୍ତ ହେଉଛି । ଭାରତ ପରି ବଡ଼ ଦେଶରେ ଯେକୌଣସି ଯୋଜନାର କାର୍ଯ୍ୟକାରିତା ସମୟ ନିଏ, କିନ୍ତୁ ବଡ଼ କଥା ହେଲା ପ୍ଲାଷ୍ଟିକ ପ୍ରତି ସତର୍କତା । ଦୋକାନୀମାନେ ଅନେକ କ୍ଷେତ୍ରରେ ଖୋଲାରେ ଗ୍ରାହକଙ୍କୁ ପ୍ଲାଷ୍ଟିକି ବ୍ୟାଗରେ ଜନିଷି ଦେବାକୁ ପଛାଉଛନ୍ତି । ଆଗରୁ ଲୋକେ ଗାଁ ହାଟ ବା ସହରର ଦୋକାନକୁ ନିଜ ଘରୁ ବ୍ୟାଗ ଧରି ଜିନିଷ କିଣିବାକୁ ଯାଉଥିଲେ । ସେହି ବ୍ୟାଗ ସେମାନଙ୍କ ଘରେ ଅନ୍ୟାନ୍ୟ ସ୍ଥାୟୀ ସାମଗ୍ରୀ ପରି ରହୁଥିଲା । ଏବେ ଗ୍ରାହକମାନେ ଆଉ ବଜାରକୁ ବ୍ୟାଗ ଧରି ଯାଉନାହାନ୍ତି । ପୁରୁଣା ଅଭ୍ୟାସ ଆସି ଲୋକେ କପଡ଼ା ବ୍ୟାଗ ବା ପ୍ଲାଷ୍ଟିକର ବିକଳ୍ପ ଅନ୍ୟ କିଛି ନେଇ ଦୋକାନକୁ ଯିବା ଉଚିତ । କେବଳ ପ୍ଲାଷ୍ଟିକ ବ୍ୟାଗ ନୁହେଁ ଆଉ କେତେକ ସାମଗ୍ରୀକୁ ବର୍ଜନ କରିବାକୁ ପଡ଼ିବ । ପ୍ଲାଷ୍ଟିକ ପତାକା, ଆଇସକ୍ରିମ ଓ କ୍ୟାଣ୍ଡିଷ୍ଟିକ, ସାଜସଜା ପାଇଁ ବ୍ୟବହୃତ ଥର୍ମକୁଲ, ପ୍ଲାଷ୍ଟିକରେ ପ୍ରସ୍ତୁତ ପ୍ଲେଟ, କପ, ମିଠା ବାକ୍ସ ଲାଗି ର୍‍ୟାପର, ସିଗାରେଟ ପ୍ୟାକେଟ ଓ ଅନ୍ୟାନ୍ୟ ପିଭିସି ସାମଗ୍ରୀକୁ ବର୍ଜନ କରିବା ଦରକାର । ତଦ୍ୱାରା ନିଷେଧାଦେଶର ପ୍ରଭାବ ବ୍ୟାପକ ଭାବେ ଅନୁଭୂତ ହେବ । ପ୍ଲାଷ୍ଟିକ ସମସ୍ୟା ସମାଧାନର ପ୍ରକୃଷ୍ଟ ଉପାୟ ହୋଇଥାନ୍ତା । ଯଦି ପଚି ପାରୁଥିବା ପ୍ଲାଷ୍ଟିକ ଉତ୍ପାଦନ କରିହୁଅନ୍ତା । ଅର୍ଥାତ୍ ଏପରି ପ୍ଲାଷ୍ଟିକ ଉତ୍ପାଦିତ ହେବା ଦରକାର ଯାହା ତୁରନ୍ତ ପଚି ଓ ତାହା ପ୍ରଦୂଷଣକାରୀ ହେବନାହିଁ । ସବୁ ସମସ୍ୟାର ବୈଷୟିକ ସମାଧାନ ହିଁ ଶ୍ରେଷ୍ଠ ଉପାୟ । ବୈଜ୍ଞାନିକମାନେ ଏ ଦିଗରେ କାମ କରିବା ଉଚିତ । ପଚି ପାରୁଥିବା ପ୍ଲାଷ୍ଟିକ ଯେଭଳି ଶସ୍ତାରେ ଉତ୍ପାଦିତ ହୋଇପାରିବ ତାହା ମଧ୍ୟ ସେମାନଙ୍କର ଲକ୍ଷ୍ୟ ହେବା ଦରକାର । ନଚେତ ତାର ବଜାର ଗ୍ରହଣୀୟତା ରହିବନାହିଁ । ସିଙ୍ଗଲ ପ୍ଲାଷ୍ଟିକ ଆମ ପ୍ରଦୂଷଣ ସହ ସାମାଜିକ ଜୀବନକୁ କ୍ଷତି କରଛି । ତେଣୁ ଏ ନେଇ ଆମମାନଙ୍କ ଭିତରେ ସଚେତନତା ଅତ୍ୟନ୍ତ ଜରୁରୀ ।

ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ,
ତୁଳସୀପୁର, କଟକ,
ଦୂରଭାଷ : ୯୪୩୭୪୫୦୧୧୪

# ଅପରାଧ ଓ ଦୁର୍ନୀତି ର ବିଲୋପ କରିଥାଏ ସ୍ୱାଭିମାନୀ ମତଦାତା



ଉମାଶଙ୍କର ପ୍ରସାଦ

ଦୁନିଆ ନୀତିନିୟମରେ ବନ୍ଧା । ସର୍ବତ୍ର ନୀତିନିୟମ ପାଳିତ ହୋଇଥାଏ । ଯେଉଁଠାରେ ନୀତି ନାହିଁ କି ନିୟମ ନାହିଁ ସେଠି ସ୍ୱେଚ୍ଛାଚାର ଏବଂ ଭ୍ରଷ୍ଟାଚାର ପ୍ରବେଶ କରିବା ସହଜ ମନେହୁଏ । ଦୃଢ ନୀତି ନିୟମରେ ପରିଚାଳିତ ରାଜ୍ୟରେ ପ୍ରଜାମାନେ ଅଶାନ୍ତି ଏବଂ ଅସାର ଅନୁଭବ କରୁ ନଥିଲେ । ସ୍ୱଚ୍ଛ ଶାସନରେ ଏହାହିଁ ଆବଶ୍ୟକ । ଦୁର୍ନୀତି ଯୁକ୍ତ ଶାସନ କଳଙ୍କିତ ଶାସନ ସହ ସମାନ । ଆଜି ଆମ ସମାଜରେ ଦିନକୁ ଦିନ ଦୁର୍ନୀତିର ମାତ୍ରା ବଢିବାରେ ଲାଗିଛି । ଆଜିର ମଣିଷ ପ୍ରତ୍ୟେହ ସଂଘର୍ଷ, ସଂଘାତ ଓ ଯୁଦ୍ଧର ଘନଘଟା ମଧ୍ୟରେ କଳନା କରୁଛି ନିଜର ଭାଗ୍ୟ । ଈର୍ଷା, ପରଶ୍ରୀ କାତରତା, ସନ୍ଦେହ, ଅସହିଷ୍ଣୁତା ଓ ହିଂସା ମଣିଷକୁ କବଳିତ କରିବା ସହ କଳଙ୍କିତ କରିଛି । ଦୁର୍ନୀତି ନିବାରଣ ସଂସ୍ଥା / ଅପରାଧ ନିବାରଣ ସଂସ୍ଥା ଦୁର୍ନୀତିର ପର୍ଦ୍ଦାଫାସ କରିବା ବଦଳରେ ସରକାରଙ୍କ ହାତ ବାରିଶି ସାଜି ନିଜର କାର୍ଯ୍ୟ କରୁଛି ବୋଲି ବିରୋଧି ଦଳ ତଥା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ଆଜକୁ ଦୀର୍ଘ ଦୁଇମାସ ଧରି ଜଣେ ରାଜ୍ୟ ମନ୍ତ୍ରୀଙ୍କୁ ରାଜରାସ୍ତାରେ ହତ୍ୟା କରାଗଲା ଯାହାର ତଦନ୍ତ ଭାର କ୍ରାଇମ ବ୍ରାଞ୍ଚ ( ଅପରାଧ ନିବାରଣ ସଂସ୍ଥା) କୁ ଦିଆ ଯାଇଥିଲା, ମାତ୍ର ଫଳ ଶୁନ ! ବର୍ତ୍ତମାନ ସୁଦ୍ଧା କ୍ରାଇମ ବ୍ରାଞ୍ଚ ଅପରାଧିକୁ ଧରିବାରେ ଅକ୍ଷମତା ପ୍ରକାଶ କରିଛି । ଯାହା ବିରୋଧି ଦଳ ତଥା ସାଧାରଣ ଜନତାଙ୍କ ମନରେ ସନ୍ଦେହର ବୁଢୀଆଣି ଜାଲ ବିସ୍ତାର କରିଛି । ଏପଟେ ନବଦାସ ଙ୍କ ମୃତ୍ୟୁ ଖବରର ନିଆଁ ନଲିଭୁଣୁ ସେଇ ଝାରସୁଗୁଡାରେ ସମର୍ଥ ଅଗ୍ରୱାଲ ନାମକ ଜଣେ ନୀରିହ ବାଳକକୁ ଦୁର୍ବୃତ ମାନେ ଅର୍ଥ ଆଦାୟର ମନସା ରଖି ନିର୍ମମ ଭାବରେ ହତ୍ୟା କରିଛନ୍ତି ଯାହାର ହତ୍ୟାକାରୀ କୁ ଧରିବାରେ ଅପରାଧ ନିବାରଣ ସଂସ୍ଥା ଅକ୍ଷମ !

ଅନ୍ୟ ପକ୍ଷରେ ଶାସକ ଦଳିଆ, ନେତାମାନଙ୍କ ଛତ୍ରଛାୟା ତଳେ ରହି ଜାଲ ସାର୍ଟିଫିକେଟ କାରବାରରେ ଲିପ୍ତ ରହିବା ସହ ପିଲାମାନଙ୍କୁ ଉକ୍ତ ସାର୍ଟିଫିକେଟ ପ୍ରଦାନ କରିବା ସହ ସେମାନଙ୍କଠୁ ମୋଟା ଧରଣର ଉତ୍କୋଚ ଆଦାୟ କରିଥିବାର ଜନରବ ହେବାରେ ଲାଗିଛି । ଯାହା କି ଦୁର୍ନୀତି ନିବାରଣ ବିଭାଗକୁ ସିଧା ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଏପରି ସବୁ ଅପରାଧକୁ ରୋକିବା ତଥା ଧରିବା ପାଇଁ କ୍ରାଇମବ୍ରାଞ୍ଚ ରେ ଥିବା ତଦନ୍ତକାରୀ ପୋଲିସ ଅଧିକାରୀ ମାନେ ସରକାରଙ୍କ କାଠ କଣ୍ଢେଇ ସାଜି ତଦନ୍ତକୁ ଦିଗଭ୍ରଷ୍ଟ କରୁଛନ୍ତି ବୋଲି ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି । ସଦ୍ୟ ହେବାକୁ ଯାଉଥିବା ଝାରସୁଗୁଡା ଉପନିର୍ବାଚନରେ ଦିବଂଗତ ମନ୍ତ୍ରୀ ନବଦାସ ଙ୍କ ଝିଅ ଦୀପାଳିଙ୍କୁ ବିଜୁ ଜନତା ଦଳ ଟିକେଟ ପ୍ରଦାନ କରି ସହାନଭୂତି ଭୋଟ ସାଉଁଟି ବାକୁ ପ୍ରୟାସ ଜାରିରଖିଛି । ତେବେ ବିଜେପି ଓ କଂଗ୍ରେସ ମଧ୍ୟ ନିଜ ନଜର ବିଜୟ ପାଇଁ ଜୋରଦାର ପ୍ରସ୍ତୁତି ଆରମ୍ଭ କରିବା ସହ ଉଭୟେ ଉଭୟେ ସରକାରଙ୍କର ବିଭିନ୍ନ ଦୁର୍ନୀତି ତଥା ଅପାରଗତାକୁ ଲୋକଲୋଚନକୁ ଆଣିବାକୁ ପ୍ରୟାସ ଜାରି ରଖିଛନ୍ତି । ଅଦ୍ୟାବଧି ରାଜ୍ୟରେ ଘଟିଥିବା ୪୦୦ ଅପରାଧିକ ମାମଲାର ତଦନ୍ତ କରି କ୍ରାଇମ ବ୍ରାଞ୍ଚ ମାତ୍ର ୭୫ ଟି ରେ ଚାର୍ଜସିଟ କରିଛି ଯାହା ତାର ଅପାରଗତାକୁ ସ୍ପଷ୍ଟ ଭାବେ ପ୍ରମାଣ କରିଛି । ଏହାର ପ୍ରଭାବ ଆଗକୁ ହେବାକୁ ଥିବା ଉପନିର୍ବାଚନ ତଥା ୨୦୨୪ ରେ ହେବାକୁ ଥିବା ନିର୍ବାଚନ ଉପରେ ପଡିବାର ସୂଚନା ପ୍ରଦାନ କରୁଛି । ଏପଟେ ପୁରୀରେ ୮୨୦୦ ଇଭିଏମ ମେସିନ୍ ଗଚ୍ଛିତ କୁ ନେଇ ବିରୋଧି ତଥା ଜନସାଧାରଣଙ୍କ ମନରେ ନାନାଦି ପ୍ରଶ୍ନ ଉଙ୍କିମାରୁଛି । ବର୍ତ୍ତମାନ ମନ୍ତ୍ରୀ ତଥା ଶାସକ ଓ ପ୍ରଶାସକ ମାନଙ୍କ ଦୁର୍ନୀତି ସାଧାରଣ ଜନତାଙ୍କୁ କର୍ଣ୍ଣଗତ କଲାଣି । ଯଦି ଆମେ ଅତିତକୁ ନୀରିକ୍ଷଣ କରିବା ତେବେ ସ୍ପଷ୍ଟ ପ୍ରମାଣିତ ହୁଏଯେ ୧୯୯୬ ମସିହାରେ ଘଟିଥିବା ତିନୋଟି ବଡ ବଡ ସ୍କାମ ଏ ପର୍ଯ୍ୟନ୍ତ ସାଧାରଣରେ ସ୍ମରଣୀୟ ହୋଇ ରହିଛି । ସେହି ତିନୋଟି ମଧ୍ୟରେ ୧୨୦୦ କୋଟିର ଟେଲିକମ୍ ସ୍କାମ, ୧୦୦୦ କୋଟି ଟଙ୍କାର ମେଡିକାଲ ସରଞ୍ଜାମ କିଣା ସ୍କାମ ଏବଂ ଇଉରିଆ ସାର କିଣା ସ୍କାମ ୧୩୩ କୋଟି ଟଙ୍କା କମ୍ ଚର୍ଚ୍ଚାର ପରିଧିକୁ ଆସିନାହିଁ । ଏକବିଂଶ ଶତାବ୍ଦୀରେ ସବୁରି ପ୍ରାଣରେ ବିସ୍ମୟ ଜଗାଇ ଯେଉଁଭଳି ନୀରା ରାଡିଆଙ୍କ ଦୁର୍ନୀତି ଏବଂ ଟୁଜି ସେକ୍ଟ୍ରମ ସ୍କାମରେ ଜଡିତ ଏ.ରାଜାଙ୍କ ଦୁର୍ନୀତି ସାରା ଦେଶର ବାୟୁ ମଣ୍ଡଳକୁ ଦୂଷିତ କରି ଚାଲିଛି ତାର ସତ୍ତାକୁ କିପରି ବିଲୋପ କରାଯାଇ ପାରିବ ? କେନ୍ଦ୍ରର ତତ୍କାଳୀନ ଜଣେ ଟେଲିକମ ମନ୍ତ୍ରୀ ଙ୍କ ବାସଗୃହରୁ ୩ କୋଟି ୬୦ ଲକ୍ଷ ରୁ ଉର୍ଦ୍ଧ ଟଙ୍କା ଜବତ ହୋଇ ସାରା ଦେଶରେ ତାଙ୍କୁ ନିନ୍ଦିତ କରାଯାଇଥିଲା । ଆମ ରାଜ୍ୟର ବଡ ସ୍କାମ ମଧ୍ୟରେ ଓଡିଶା ଗ୍ରାମ୍ୟ ଗୃହ ଉନ୍ନୟନ ନିଗମ ସ୍କାମ ଅନ୍ତର୍ଭୂକ୍ତ ଅଟେ । ଯେଉଁ ବିଭାଗରେ ଆଶାତୀତ ଭାବେ କୋଟି କୋଟି ଟଙ୍କାର ଆତ୍ମସାତ ହୋଇଛି ଏବଂ ସେଥିରେ ଛୋଟ ଅଧିକାରୀ ଠୁ ଆରମ୍ଭ କରି ତୁଙ୍ଗ ଅଧିକାରୀ ମାନେ ସଂପୃକ୍ତ ଅଛନ୍ତି । ଏହା ଛଡା ମଧ୍ୟାହ୍ନ ଭୋଜନରେ ଯୋଗାଇ ଦିଆଯାଇଥିବା ୭୦୦ କୋଟି ଟଙ୍କାର ଡାଲି ନିମ୍ନମାନର ପୋକରାଡାଲି ର ଦୁର୍ନୀତି ର କାଳିମା ନବୀନ ବାବୁଙ୍କ ସ୍ୱଚ୍ଛ ଶାସନର ସ୍ୱରୂପକୁ ପଦାରେ ପକାଇ ଦେଇଥିଲା । ସରକାରଙ୍କର ଦୁର୍ନୀତି ନିବାରଣ କାର୍ଯ୍ୟକ୍ରମରେ ଯେକୌଣସି ପ୍ରକାରର ଦୁର୍ନୀତି ଦଣ୍ଡନୀୟ ଅଟେ ।

ପ୍ରଭାବଶାଳୀ ମହଲରେ ଏପରି ଦୁର୍ନୀତି କୁ ନେଇ ତଥା ଏହାର ଚେରସମଗ୍ର ଭାରତରେ ତାର କାୟା ବିସ୍ତର କରୁଥିବାରୁ ୧୯୯୭ ମସିହାରେ ଭାରତରେ ଶ୍ରୀ ଆଇ. କେ. ଗୁଜୁରାଲ ପ୍ରଧାନ ମନ୍ତ୍ରୀ ଥିବାବେଳେ ଏହାକୁ ସ୍ୱୀକାର କରି କହିଥିଲେ ଶାସନରେ ଅନେକ ସମୟରେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ହସ୍ତକ୍ଷେପ ଫଳରେ ସମାଜରେ ଦୁର୍ନୀତି ବଢିମଧ ଚପି ରହିଯାଉଛି । ଦୁର୍ନୀତି ନିବାରଣ ନିମନ୍ତେ କେନ୍ଦ୍ର ସ୍ତରରେ ସି.ବି.ଆଇ ଭଳି ଏକ ଜୋରଦାର ସଂସ୍ଥା ଭିଜିଲାନ୍ସ ବିଭାଗ ମଧ୍ୟ ରାଜ୍ୟ ରେ ରହିଛି । ଏମାନଙ୍କ କାମ ହେଲା ସମାଜରେ ତଥା ପ୍ରଶାସନରେ ଘଟୁଥିବା ଦୁର୍ନୀତିକୁ କଠୋର ଭାବେ ଦମନ କରିବା ମାତ୍ର ଦୁଃଖ ଓ ପରିତାପର ବିଷୟ ଏମାନେ ସରକାରଙ୍କର ଚାଟୁକାର ଭାବେ କାମ କରିବା ସହ ନିଜର ନୀତି ଓ ନୈତିକତାକୁ କଳଙ୍କିତ କରବାରେ ଲାଗିଛନ୍ତି । ଏହି ସଂସ୍ଥାରେ କାର୍ଯ୍ୟରତ ସମସ୍ତ ଅଧିକାରୀ ତଥା କର୍ମଚାରୀ ସାଧୁ, ସଚ୍ଚୋଟ ନୁହଁନ୍ତି । ଯେଉଁମାନେ ଦୁର୍ନୀତିକୁ ପ୍ରଶ୍ରୟ ଦେଇଥାନ୍ତି ସେମାନେ ଭାରି ଧୁରନ୍ଧର ଓ ଦୋଷମୁକ୍ତ ହୋଇ ଖସିଯିବାର କୌଶଳ ତାଙ୍କୁ ବେଶ୍ ଜଣା । ବର୍ତ୍ତମାନ ଏଠାରେ ପ୍ରଶ୍ନ ଉଠେ ଯେଉଁ ସବୁ ଦୁର୍ନୀତି ଆଜି ସୁଦ୍ଧା ଲୋକ ଲୋଚନକୁ ଆସିଛି ସେମାନଙ୍କ ସମ୍ପତି କାଂ ଭାଁ କୁ ଛାଡିଦେଲେ ଆଉ ପ୍ରାୟ ସିଂହ ଭାଗ ନିଜ ଜୀବନକୁ ବଡ ଆଡମ୍ବର ତଥା ବିଳାଶ ପୂର୍ଣ୍ଣ ଭାବରେ ବିତାଉଛନ୍ତୀ ! ଯଦି ପର୍ଦା ଫାସ ହେଉ ହେଉ ସମ୍ପୃକ୍ତ ବ୍ୟକ୍ତିଙ୍କ ସମ୍ପତି ବ୍ୟାଜ୍ୟାପ୍ତି ହୋଇଥାନ୍ତା ତେବେ ସେମାନଙ୍କର ସାହାସ ବଢିନଥାନ୍ତା । ଗଣତନ୍ତ୍ର ଏବଂ ଦୁର୍ନୀତି ଦୁହେଁ ପରସ୍ପର ପ୍ରତି ଅସଙ୍ଗତ ହେଲେ ମଧ୍ୟ ଉଭୟେ ଯେ ଝା ବାଟରେ ମାଡି ଚାଲିଛନ୍ତି ।

ଏହାର ବିଲୋପନ ପାଇଁ ଯେଉଁଦିନ ଆମର ଭୋଟଦାତା ମାନେ ସେମାନଙ୍କର ନୈତିକତ ନହରାଇ ନିଜର ମତ ପ୍ରଦାନର ପ୍ରକୃତ ମୂଲ୍ୟ ବୁଝିବା ସହ ସ୍ୱାଭିମାନର ସହ ବଂଚିବା ପାଇଁ ଶପଥ ନେବେ ସେ ଦିନ ଏ ରାଜନେତା ତଥା ଦୁର୍ନିତି ଗ୍ରସ୍ତ ଅଧିକାରୀ ମାନଙ୍କର ଅନ୍ୟାୟ, ଅତ୍ୟାଚାର, ଓ ଚାଟୁକାରିତାର ବିଲୋପ ହେବା ସହ ଏକ ସୁସ୍ଥ ଗଣତନ୍ତ୍ର ର ବିକଶିତ ହେବ ।

ସମ୍ପାଦକ ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ :୬୩୭୦୬ ୭୫୫୬୨

# ମହାବୀର ହନୁମାନ ଏବଂ ମହାବିଷୁବ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଯୁଗେ ଯୁଗେ ଏ ଧରା ପୃଷ୍ଠରେ ଯେତେବେଳେ ଧର୍ମର କ୍ଷୟ ଘଟିଛି, ସାଧୁସନ୍ଥମାନେ ନିର୍ଯାତିତ ହୋଇଛନ୍ତି, ପାପୀମାନଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଛି, ସେତେବେଳେ ଭଗବାନ କୌଣସି ନା କୌଣସି ରୂପରେ ଅବତରଣ କରି ଏ ଧରାଧାମକୁ ଅଧର୍ମ କବଳରୁ ଉଦ୍ଧାର କରିବା ସହ ପାପୀମାନଙ୍କୁ ସଂହାର କରିଛନ୍ତି । ସେହିଭଳି ତ୍ରେତେୟା ଯୁଗରେ ଏକ ବୃହତ୍ ପାପଶକ୍ତିର ଅଭ୍ୟୁଦୟ ଘଟିଥିଲା । ବିଶ୍ରବା ନନ୍ଦନ ରାବଣ ନିଜର ହୀନ ସ୍ୱାର୍ଥ ସାଧନ କରିବା ଲାଗି ଘୋର ତପସ୍ୟା ବଳରେ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ଠାରୁ ଅମାପ ଶକ୍ତି ହାସଲ କରିବା ପରେ ସମଗ୍ର ବ୍ରହ୍ମାଣ୍ଡରେ ଆତଙ୍କ ସୃଷ୍ଟି କରିଥିଲା । ପରେ ପରେ ମେଘନାଦ ଓ କୁମ୍ଭକର୍ଣ୍ଣ ଭଳି ରାକ୍ଷସମାନେ ବ୍ରହ୍ମାଙ୍କ ଠାରୁ ଶକ୍ତି ହାସଲ କରି ତାହାର ଅପପ୍ରୟୋଗ କରିବା ଆରମ୍ଭ କରିଦେଇଥିଲେ । ସ୍ୱର୍ଗର ସମସ୍ତ ଦେବାଦେବୀମାନେ ରାବଣର ଶକ୍ତି ନିକଟରେ ପରାଜୟ ବରଣ କରିବା ପରେ ଭଗବାନ ବିଷ୍ଣୁଙ୍କ ଶରଣାପନ୍ନ ହୋଇଥିଲେ । ଭଗବାନ ବିଷ୍ଣୁ ଦେବତାମାନଙ୍କୁ ଅଭୟ ପ୍ରଦାନ କରି ସଂସାରରୁ ରାବଣ ଏବଂ ଅନ୍ୟ ସମସ୍ତ ପାପଶକ୍ତିମାନଙ୍କୁ ବିନାଶ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ତାଙ୍କ ନିର୍ଦ୍ଦେଶମତେ ଦେବତାମାନେ ବାନର ରୂପରେ ଜନ୍ମ ଗ୍ରହଣ କରିଥିଲେ । ଦୁଷ୍ଟଶକ୍ତିମାନଙ୍କୁ ବିନାଶ କରିବା ଲାଗି ଭଗବାନ ବିଷ୍ଣୁ ଶ୍ରୀରାମଚନ୍ଦ୍ର ରୂପରେ, ଜଗତ୍‌ଜନନୀ ମାତା ମହାଲକ୍ଷ୍ମୀ ଜନକ ନନ୍ଦିନୀ ସୀତା ରୂପରେ ଏବଂ ଶେଷ ନାଗ ଲକ୍ଷ୍ମଣ ରୂପରେ ଜନ୍ମ ନେଲେ । ମହାପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ସହାୟତା ଯୋଗାଇଦେବା ଲାଗି ଦେବ ଦେବ ମହାଦେବଙ୍କର ଏକ ଶକ୍ତି ହନୁମାନ ରୂପରେ ଜନ୍ମ ନେଇଥିଲେ ।

ହିନ୍ଦୁମାନେ ଏହି ଦିନ ବୀର ହନୁମାନଙ୍କ ଜୟନ୍ତୀକୁ ସାତ୍ତ୍ୱିକତାର ସହିତ ପାଳନ କରିଥାଆନ୍ତି । ବୀର ହନୁମାନଙ୍କ ଜୟନ୍ତୀ ପାଳନ କରିବାକୁ ଯାଇ ଆବାଳବୃଦ୍ଧବନିତା ପଣା ସଂକ୍ରାନ୍ତି ଅବସରରେ ବ୍ରାହ୍ମଣମାନଙ୍କୁ ପଣାଦାନ ଓ ଖାଦ୍ୟ ଛତୁଆ ଦାନ ପ୍ରଭୃତି କରି ଦକ୍ଷିଣା ପ୍ରଦାନ କରିଥାଆନ୍ତି । ପ୍ରତ୍ୟେକ ସ୍ଥାନ ଓ ଆଖଡ଼ାମାନଙ୍କରେ ବୀର ହନୁମାନ ଯୁବକମାନଙ୍କର ଆରାଧ୍ୟ ହୋଇଥିବାରୁ ସମସ୍ତ ଯୁବକ ତାଙ୍କୁ ଫୁଲ, ସିନ୍ଦୂର, ଚୁଆରେ ନାଗାବେଶରେ ସଜାଇ ଭାଙ୍ଗପଣା ମଣୋଦି କରି ବାଣ୍ଟନ୍ତି । ବୀର ହନୁମାନ ଯେପରି ଜନ୍ମ ବେଳେ କଚଟି ପିନ୍ଧିଥିଲେ, ଯୁବକମାନେ ସ୍ୱାସ୍ଥ୍ୟରକ୍ଷା ପାଇଁ ସେହିପରି କାଛା ପିନ୍ଧି ଶାରୀରିକ ବ୍ୟାୟାମ ବା କୁସ୍ତିବିଦ୍ୟା ଏହି ଦିନ ଆରମ୍ଭ କରିଥାଆନ୍ତି । ତ୍ରେତୟାରେ ନୟନାଭିରାମ ଶ୍ରୀରାମଚନ୍ଦ୍ରଙ୍କର ବେଷ୍ଟନୀ ଥିଲା ଅତ୍ୟନ୍ତ ସୁଦୃଢ଼ । ଏହି ପ୍ରସଙ୍ଗରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି – ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମଚନ୍ଦ୍ରଙ୍କ ପାଖରେ ପରମବୀର ହନୁମାନ, ଜାମ୍ବୁବାନ, ସୁଗ୍ରୀବ, ଅଙ୍ଗଦ, ନଳ, ନୀଳ ଓ ବିଭୀଷଣ ସମସ୍ତେ ମିଶି ଏକ ଶକ୍ତିଗୁଚ୍ଛ ହିସାବରେ ପ୍ରଭୁଙ୍କର ରକ୍ଷଣା ବେକ୍ଷଣ ଦାୟିତ୍ୱରେ ଥିଲେ । ହଜରତ୍ ରସୁଲଙ୍କର ମଧ୍ୟ ଏକ ଶକ୍ତିମାନ ଗୁଚ୍ଛ ଥିଲା । ପରମବୀର ହନୁମାନ ପ୍ରଭୁ ରାମଚନ୍ଦ୍ରଙ୍କର ସ୍ୱସ୍ତି ନିମିତ୍ତ ସମସ୍ତ କାର୍ଯ୍ୟ କରିଛନ୍ତି । ଏହା ହିଁ ତାଙ୍କର ଆତ୍ମପ୍ରସାଦ ଥିଲା ଓ ଏହା କରିବାକୁ ଯାଇ ତାଙ୍କର ଶକ୍ତି ଦିନକୁ ଦିନ ବଢ଼ି ଉଠିଥିଲା । ତାଙ୍କର ଇତର ଅହଂକାର ନଥିଲା । ଚାହିଁବା ଓ ପାଇବାର ପ୍ରଶ୍ନ ମଧ୍ୟ ନଥିଲା । ଏକମାତ୍ର ଚାହିଦା ଥିଲା ପ୍ରଭୁଙ୍କର ପରିପୂରଣ ଓ ଶାନ୍ତି । ଏଥିପାଇଁ ତାଙ୍କର ଶକ୍ତିର ପରିସର ଦିନକୁ ଦିନ ବଢ଼ି ଉଠିଥିଲା । ଧର୍ମ ଯେଉଁଠାରେ ସେଠାରେ ବୀର୍ଯ୍ୟ, ଯଶ ଓ ଐଶ୍ୱର୍ଯ୍ୟ । ଭକ୍ତି କେତେବେଳେ ହେଲେ ମନୁଷ୍ୟକୁ ଦୁର୍ବଳ କରେନାହିଁ ବରଂ ମନୁଷ୍ୟକୁ ଚିରପରାକ୍ରମଶୀଳ ଉର୍ଜ୍ଜୀ ଅନୁରାଗ ସଂପନ୍ନ ଭକ୍ତ କରି ଉଠାଏ । ଭକ୍ତ କେତେବେଳେ ହେଲେ ଇଷ୍ଟଙ୍କର ବୋଝ ହୋଇଉଠେନାହିଁ, ଗଳଗ୍ରହ ହୋଇଉଠେନାହିଁ ବରଂ ନିଜର ସମସ୍ତ ବଳ ଓ ପରାକ୍ରମ ଦେଇ ପ୍ରଭୁଙ୍କର ସେବାକରେ । ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ପରମବୀର ହନୁମାନ । ଆମ୍ଭମାନଙ୍କୁ ପ୍ରଭୁ ରାମଚନ୍ଦ୍ରଙ୍କୁ ଅନୁସରଣ କରିବାକୁ ହେବ ହନୁମାନ ଭଳି ଭାବ ଓ ଭକ୍ତି ନେଇ । ହନୁମାନ ହେଉଛନ୍ତି ଭକ୍ତମାନଙ୍କର ରାଜା । ଦୈତ୍ୟରାଜ ରାବଣକୁ ଭଗବାନ ରାମ କ୍ଷମା କରିଦେଇଥିଲେ କିନ୍ତୁ ହନୁମାନ କ୍ଷମା କରିନାହାନ୍ତି । ଭକ୍ତି ସହକାରେ କହିଥିଲେ – ଆପଣଙ୍କ ଶତ୍ରୁକୁ ଆପଣ କ୍ଷମା କରିପାରନ୍ତି କିନ୍ତୁ ମୁଁ କ୍ଷମା କରିପାରିବି ନାହିଁ । ଏହା ହିଁ ହେଉଛି ସଚ୍ଚା ଅନୁରାଗର ନିଶାଣା । କଥା ପ୍ରସଙ୍ଗରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର କହିଲେ – ଆତ୍ମପ୍ରତିଷ୍ଠାର ନିର୍ବାଧ ପନ୍ଥା ହେଲା ଇଷ୍ଟ ପ୍ରତିଷ୍ଠା । ପରମବୀର ହନୁମାନ ପ୍ରଭୁ ରାମଚନ୍ଦ୍ରଙ୍କୁ ପ୍ରତିଷ୍ଠା କରିବାକୁ ଯାଇ କୃତକାର୍ଯ୍ୟ ହେଲେ ଓ ନିଜେ ମଧ୍ୟ ଅମର ହେଲେ । ଭକ୍ତ ହନୁମାନ ଯୁଦ୍ଧ କରିଛନ୍ତି, ରାଜନୀତି କରିଛନ୍ତି, ଲଙ୍କାପୁରୀ ଜଳାଇ ଦେଇଛନ୍ତି କିନ୍ତୁ ସବୁକିଛି ପ୍ରଭୁ ରାମଚନ୍ଦ୍ରଙ୍କ ସେବା ଓ ପ୍ରୀତି ନିମିତ୍ତ ଉଦ୍ଦିଷ୍ଟ, ଆଉ ଏହା ପାଇଁ ତାଙ୍କ ମନରେ ଅହଂକାର ନାହିଁ ଏବଂ ପ୍ରଭୁଙ୍କର ଶକ୍ତିରେ ଶକ୍ତିମାନ ବୋଲି ତାଙ୍କର ହୃଦ୍‌ବୋଧ ଥିଲା । କୁଳମାଳିକ ପରବ୍ରହ୍ମ ଶ୍ରୀ ଶ୍ରୀ ଠାକୁର ପୁଣି କହିଛନ୍ତି – ଭକ୍ତବୀର ହନୁମାନ ପ୍ରଭୁ ରାମଚନ୍ଦ୍ରଙ୍କ ପାଖକୁ ଆସିଥିଲେ ତାଙ୍କର ବ୍ୟକ୍ତିଗତ କାମନା, ବାସନା ଓ ମନ୍ତ୍ରୀ ହେବା ପାଇଁ କିନ୍ତୁ ପ୍ରଭୁଙ୍କର ଅପାର କୃପା ଓ ହନୁମାନଙ୍କର ଅହେତୁକ ଭକ୍ତି ଯୋଗୁଁ ସମସ୍ତ କାମନା ବାସନା ଭକ୍ତି ଅଗ୍ନିରେ ନିର୍ବାପିତ ହେଲା ଓ ଭକ୍ତକୁଳତିଳକ ପରମବୀର ହନୁମାନ ପ୍ରଭୁ ରାମଚନ୍ଦ୍ରଙ୍କର ଶ୍ରେଷ୍ଠ ଭକ୍ତ ହିସାବରେ ପରିଗଣିତ ହେଲେ ।

ପୃଥିବୀର ବିଭିନ୍ନ ସଂସ୍କୃତି ଏବଂ ପରମ୍ପରାଗୁଡ଼ିକ ମଧ୍ୟରେ ଭାରତୀୟ ହିନ୍ଦୁ ଧର୍ମ, ସଂସ୍କୃତି ଓ ପରମ୍ପରାର ସ୍ଥାନ ସ୍ୱତନ୍ତ୍ର । ସନାତନ ଧର୍ମର ଅବଶିଷ୍ଟାଂଶ ହିଁ ପରବର୍ତ୍ତୀ ସମୟରେ ବା ଆଧୁନିକ ସମାଜରେ ହିନ୍ଦୁଧର୍ମ ନାମ ବହନ କରିଛି । ଏହି ଧର୍ମ ଯାହା କହେ, ତାହା ହିଁ କାର୍ଯ୍ୟରେ ପରିଣତ କରେ । ଏହା ବିଜ୍ଞାନସମ୍ମତ ଭିତ୍ତିଭୂମି ଉପରେ ଆଧାରିତ । ହିନ୍ଦୁ ଧର୍ମରେ ସମସ୍ତ କଳ୍ପନା ହିଁ ବାସ୍ତବ ରୂପ ବହନ କରିଛି । ତେଣୁ କୁହାଯାଇଛି – ଯାହା ନାହିଁ ଭାରତେ ତାହା ନାହିଁ ଜଗତେ । କାଳ୍ପନିକ ମୂର୍ତ୍ତି, ଚିତ୍ରକଳା ଓ ଭାବନା ହିଁ ଈଶ୍ୱର ସତ୍ତାର ଅନୁଭବ ପ୍ରଦାନ କରିଥାଏ । କଳ୍ପନା ବିନା ବାସ୍ତବତା ପ୍ରାପ୍ତି ଅସମ୍ଭବ । ମାଧ୍ୟମ ବିନା ଈଶ୍ୱର ସତ୍ତାକୁ ଅନୁଭବ କରିବା ମଧ୍ୟ ଅସମ୍ଭବ । ଏହି ମୂର୍ତ୍ତି ପୂଜା, ଗୁରୁପୂଜା ଇତ୍ୟାଦି ମାଧ୍ୟମ ଆମ ଧର୍ମ ପରମ୍ପରାରେ ରହିଛି । ପୃଥିବୀ କମଳା ବା ଲେମ୍ବୁ ପରି ଗୋଲ । ଏହା ଭାରତୀୟ ବୈଜ୍ଞାନିକ ଓ ମନୁରଷିମାନେ କଳ୍ପନା କରିଥିଲେ ଓ ତାହାକୁ ବାସ୍ତବ ରୂପ ମଧ୍ୟ ଦେଇଥିଲେ । ଦଶାବତାର ମଧ୍ୟରେ ବିଷ୍ଣୁଙ୍କର ବରାହ ଅବତାର ମୂର୍ତ୍ତିରେ ପାରମ୍ପାରିକ କଳାକାରମାନେ ବହୁ ବର୍ଷ ପୂର୍ବରୁ ବରାହଙ୍କ ଦୁଇ ଦାନ୍ତ ଉପରେ ପୃଥିବୀର ଗୋଲାକାର ରୂପକୁ ସ୍ଥାପନ କରିଛନ୍ତି । ଏହାକୁ ମଧ୍ୟ ଆଧୁନିକ ବୈଜ୍ଞାନିକମାନେ ଗ୍ରହଣ କରିଛନ୍ତି । ପୂର୍ବରୁ ମୁନିଋଷିମାନେ କଳ୍ପନା କରିଥିବା କାଳ୍ପନିକ ରେଖା ଅକ୍ଷାଂଶ, ଦ୍ରାଘିମା, ସୁମେରୁ, କୁମେରୁ, ବିଷୁବରେଖା ଇତ୍ୟାଦିକୁ ମଧ୍ୟ ବାସ୍ତବରେ ପ୍ରମାଣିତ କରାଯାଇଥିବାରୁ ଆଧୁନିକ ବୈଜ୍ଞାନିକମାନେ ମଧ୍ୟ ଏହା ଉପରେ ଭିତ୍ତି କରି ବାସ୍ତବ ନମୁନା ପାଇପାରୁଛନ୍ତି । ଏହି କାଳ୍ପନିକ ରେଖା ମଧ୍ୟରେ ବିଷୁବରେଖା ଅନ୍ୟତମ । ହିନ୍ଦୁ ଧର୍ମରେ ଥିବା ବାର ରାଶିକୁ ଭିତ୍ତି କରି ଇଂରେଜମାନେ ୧୨ ମାସ ଜାନୁୟାରୀ, ଫେବୃୟାରୀ, ଇତ୍ୟାଦି ନାମକରଣ କରିଛନ୍ତି । ଯେଉଁ ରାଶି ସହିତ ମଧ୍ୟ ରେଖା ଅର୍ଥାତ୍ ବିଷୁବ ରେଖା ସଂଯୁକ୍ତ ହୋଇଥିଲା ସେହି ମାସକୁ ରାଶି ଅନୁସାରେ ନାମିତ କରାଯାଉଥିଲା ଓ ସେହି ରେଖାଯୁକ୍ତ ଦିନଟିକୁ ସଂକ୍ରାନ୍ତି ବା ମାସର ପହିଲା ତଥା ତାର ପୂର୍ବଦିନକୁ ମାସନ୍ତ ବା ଗତ ମାସର ଶେଷଦିନ କୁହାଯାଉଥିଲା । ମେଷ ରାଶିରେ ବିଷୁବ ରେଖାର ସଂଯୁକ୍ତ ହେତୁ ବୈଶାଖ ମାସର ସଂକ୍ରାନ୍ତି ଠାରୁ ମେଷ ମାସର ଆରମ୍ଭ ଘଟେ । ଏଣୁ ଏହି ଦିନଟି ବର୍ଷର ପ୍ରଥମ ମାସର ପହିଲା ହୋଇଥିବାରୁ ହିନ୍ଦୁମାନେ ଏହାକୁ ନବବର୍ଷ ଭାବେ ପାଳନ କରନ୍ତି । ହିନ୍ଦୁ ଧର୍ମାବଲମ୍ବୀମାନେ ମେଷ ମାସକୁ ବର୍ଷର ପ୍ରଥମ ମାସ ଓ ବିଷୁବ ସଂକ୍ରାନ୍ତି ଦିନଟିକୁ ପହିଲା ବୋଲି ଭାବି ସାତ୍ତ୍ୱିକତାର ସହିତ ପଣା ସଂକ୍ରାନ୍ତି ନାମରେ ପାଳନ କରିଥାନ୍ତି । ଏହି ସଂକ୍ରାନ୍ତି ଦିନ ମେଷ ରାଶିରେ ରବି ଅବସ୍ଥାନ କରୁଥିବାରୁ ଏହାକୁ ମଧ୍ୟ ମେଷ ସଂକ୍ରାନ୍ତି, ମହାବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି ବୋଲି କୁହାଯାଏ ।

ସହପ୍ରତିରତ୍ୱିକ ଓ ପ୍ରଫେସର,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର
ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ପିଲାଦିନର କଥା କାହିଁକି ମନେରହେନା



ଡାକ୍ତର ସମ୍ରାଟ କର

ଆପଣଙ୍କ ପିଲାଦିନର କଥା ମନେଅଛି ? ଘରେ ବଡ଼ ସାନ ଭାଇଭଉଣୀଙ୍କ ସହ କିପରି ଖେଳୁଥିଲେ, ଗାଁ ଦାଣ୍ଡରେ କୁନି ସାଥି ସାଙ୍ଗଙ୍କ ସହ ଧୂଳିବାଲି ଘରର ଫୋପଡ଼ା ଫୋପଡ଼ି ଆଉ ମିଳାମିଶା ଆଉ ମନେଅଛି ? ଗାଁ ମୁଣ୍ଡ ଅବଧାନଙ୍କ ଚାଟଶାଳୀର ପଣିକିଆ ଘୋଷା ହେଉ ବା ଖରାଦିନରେ ଗଛରୁ ନଇ ପାଣିକୁ ଡେଇଁବାର ସ୍ମୃତି କହିପାରିବେ ଆପଣ ? ଏମିତି ଅନେକ କଥା । ପିଲାଦିନର କଥା କେତେଜଣ ମନେରଖନ୍ତି ତ ଆଉ କେତେକ ଲୋକ ଭୁଲିଯାଇଥାନ୍ତି ମାତ୍ର ସ୍ମୃତି ବିଜଡ଼ିତ ବାଲ୍ୟକାଳର ସବୁ ଘଟଣା ସ୍ମରଣ କଲାଭଳି ଦକ୍ଷତା କ୍ୱଚିତ୍ ଲୋକଙ୍କର ଥାଏ । କିନ୍ତୁ ପ୍ରଶ୍ନ ହେଉଛି ଏପରି ହୁଏ କାହିଁକି ? ଶିଶୁ ମନସ୍ତତ୍ତ୍ୱ କ୍ଷେତ୍ରକୁ ଦେଖିଲେ ଏପ୍ରକାର ଅବସ୍ଥାକୁ ବାଲ୍ୟ ବିସ୍ମରଣ କୁହାଯାଏ । ସ୍ମରଣ ଶକ୍ତିକୁ ଅନୁଶୀଳନ କରାଯାଇ ଏହାକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି ଯଥା – କ୍ଷଣସ୍ଥାୟୀ ସ୍ମୃତିଶକ୍ତି ଓ ଦୀର୍ଘସ୍ଥାୟୀ ସ୍ମୃତି ଶକ୍ତି । ଦୀର୍ଘଦିନ ଧରି ମନେରହୁଥିବା ମାନସିକ ଶକ୍ତିକୁ ଦୀର୍ଘସ୍ଥାୟୀ ସ୍ମରଣ ଶକ୍ତି ଏବଂ ଏହାର ବିପରୀତ ଅବସ୍ଥାକୁ କ୍ଷଣସ୍ଥାୟୀ ସ୍ମରଣଶକ୍ତି କୁହାଯାଏ । ଦୀର୍ଘସ୍ଥାୟୀ ସ୍ମରଣ ଶକ୍ତି ମସ୍ତିଷ୍କର ପ୍ରମୁଖ ବ୍ୟବସ୍ଥାପନା ଅଞ୍ଚଳରେ ମହଜୁଦ୍ ହୋଇରହେ । ମାତ୍ର ବାଲ୍ୟ ଅବସ୍ଥାରେ ଏହା ପୂର୍ଣ୍ଣ ବିକଶିତ ହୋଇନଥାଏ । ପୁଣି ବାଲ୍ୟ ଅବସ୍ଥାରେ କ୍ଷଣସ୍ଥାୟୀ ସ୍ମୃତି ଶକ୍ତି ଉପରେ ଶିଶୁ ନିର୍ଭରଶୀଳ ଥାଏ । ଏହି ବ୍ୟବସ୍ଥାରେ କୋଷଗୁଡ଼ିକ ବାରମ୍ବାର ନଷ୍ଟ ହେଉଥିବାରୁ ରେକର୍ଡ଼ ହୋଇ ରହୁଥିବା ସ୍ମୃତି ଉଭେଇଯାଏ । ସେହିପରି ଦ୍ୱିତୀୟ କାରଣଟି ହେଲା କୌଣସି ଘଟଣାକୁ ସ୍ମୃତି ପଟ୍ଟରେ ସାଇତି ରଖିବା ବାକ୍ ଶକ୍ତି ଉପରେ ନିର୍ଭରଶୀଳ । କାରଣ କୌଣସି ଘଟଣା ଉପରେ ଏକାଧିବାର ଆଲୋଚନା କଲେ ତାହା ମାନସ ପଟ୍ଟରେ ଲିପିବଦ୍ଧ ହୋଇ ରହିଯାଏ ମାତ୍ର ଶିଶୁ ଅବସ୍ଥାରେ ବାକ୍ ଶକ୍ତି ପୂର୍ଣ୍ଣ ବିକଶିତ ହୋଇନଥିବାରୁ କୌଣସି ଘଟଣା ମନେରଖିବାରେ ଅନ୍ତରାୟ ହୋଇଥାଏ ।

ପିଲାଦିନର କଥା ମନେନରଖିବା ଏକ ରୋଗ ବା ସମସ୍ୟା ବୋଲି ଭାବନ୍ତୁନି । ବୟସ ବଢ଼ିବା ସହ ମଣିଷର ଶାରୀରିକ ଦକ୍ଷତା ଓ ଶକ୍ତି ଦିନକୁ ଦିନ କ୍ଷୟ ହୁଏ । ଏହା ବ୍ୟତୀତ ତେଲଲୁଣ, ଘରସଂସାର ଚାପ ହେଉ ବା କର୍ମଦାୟିତ୍ୱର ବୋଝ, ଆଖପାଖର ବ୍ୟବସ୍ଥା, ଦାୟିତ୍ୱ ଓ ଚାପ ମଧ୍ୟ ଏ କ୍ଷେତ୍ର ପାଇଁ ଏକ ଅନ୍ୟତମ କାରଣ ହୋଇଥାଏ । ଏହି ସ୍ମରଣ ଶକ୍ତି କମ୍ ଥିବା ନେଇ କାହାକୁ ସମାଲୋଚନା କରନ୍ତୁ ନାହିଁ । ଆଉ ଗୋଟିଏ କଥା ଏ କ୍ଷେତ୍ରରେ ପିଲାମାନଙ୍କୁ ପ୍ରାଥମିକ ଅବସ୍ଥାରେ ଛୋଟ ଛୋଟ ଶବ୍ଦ କୁହନ୍ତି ଯେପରି ସେ ବୁଝିପାରିବ । ଆବଶ୍ୟକୀୟ ବିଶ୍ରାମ, ସୁଷମ ଖାଦ୍ୟ ଓ ଶାରୀରିକ ବ୍ୟାୟାମ, ଯୋଗାସନ ଏହାପାଇଁ ଅମୃତ ସଂଞ୍ଜୀବନୀ ସଦୃଶ କାମକରେ । ସବୁଜ ପନିପରିବା, ତଟକା ଫଳ ଓ ପୃଷ୍ଟିକର ଖାଦ୍ୟ ବହୁତ ଭଲ । ଏ କ୍ଷେତ୍ରରେ ଘିଅ, କ୍ଷୀର, ଛେନା, ଖିସ୍‌ମିସ୍ ବା ଛୋଟମାଛ ବହୁତ ହିତକର । ଦେଶୀଅଣ୍ଡା ଭଲ କିନ୍ତୁ ଏହାକୁ ଦୈନିକ ନଦେଇ ନିୟମିତ ବ୍ୟବଧାନରେ ଦିଅନ୍ତୁ । ଶାରୀରିକ ବ୍ୟାୟାମ ଭାବରେ ସନ୍ତରଣ, ପଦଭ୍ରମଣ, ସାଇକେଲ ଚାଳନା ଖୁବ୍ ଉତ୍ତମ । କେହି କେହି ଯୋଗାସନ ଭିତରେ ଶ୍ରେଷ୍ଠ କୁହାଯାଉଥିବା ଶୀର୍ଷାସନ ବା ସର୍ବାଙ୍ଗସନକୁ ଗୁରୁତ୍ୱ ଦିଅନ୍ତି କିନ୍ତୁ ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଆସନ କରିବା ପୂର୍ବରୁ ନିଜ ଶାରୀରିକ କ୍ଷେତ୍ରକୁ ଦେଖନ୍ତୁ । ପିଲାମାନଙ୍କୁ ବର୍ତ୍ତମାନ ସମୟରେ ଅଭିଭାବକମାନେ ବିଭିନ୍ନ ପାଠ୍ୟକ୍ରମ ଓ ଭବିଷ୍ୟତର କର୍ମ ନିଯୁକ୍ତିର ଏକ ସୁନିଶ୍ଚିତ ଯୋଜନାକୁ ଦୃଷ୍ଟିରେ ରଖି ଅନେକ ପାଠ୍ୟକ୍ରମର ଚାପ ସୃଷ୍ଟି କରୁଛନ୍ତି ଯାହାକି ପିଲାଟିର ମାନସିକ କ୍ଷେତ୍ରକୁ ଭାରାକ୍ରାନ୍ତ କରିଥାଏ । ଅଧିକାଂଶ କ୍ଷେତ୍ରରେ ଦେଖାଯାଏ ଶିକ୍ଷାୟତନର ପାଠପଢ଼ାର ଚାପ ଓ ଘରେ ଅଭିଭାବକଙ୍କ ପାଠ ସହ ବ୍ୟକ୍ତିଗତ ଆଚରଣକୁ ନେଇ ଯେଉଁ ମନସ୍ତାତ୍ତ୍ୱିକ ଚାପ ରହିଥାଏ ଏହା ପିଲାର ମାନସିକ ସନ୍ତୁଳନକୁ ବିଗାଡ଼ି ଦେବାର ସମ୍ଭାବନା ରଖିଥାଏ । ଏସବୁ କ୍ଷେତ୍ରକୁ ଭଲ ଭାବେ ଗୁରୁତ୍ୱ ଦିଅନ୍ତୁ । ତେବେ ଏହି ମନେନରହିବା ଘଟଣାକୁ ଆପଣ ଲକ୍ଷ୍ୟ ରଖିଲେ ଆପଣ ତୁରନ୍ତୁ ମାନସିକ ରୋଗବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ବା ତୁରନ୍ତ ନିକଟସ୍ଥ ସରକାରୀ ଡାକ୍ତରଖାନାର ସୁଯୋଗ ନିଅନ୍ତୁ । କେହି କହି ଇଆଡୁସିଆଡୁ କଥାକହି ଟୁଟୁକା ଚିକିତ୍ସା କଥା କହିଲେ ତାଙ୍କୁ ଆପଣ ଏଡ଼ାଇ ଦିଅନ୍ତୁ । କାରଣ ପ୍ରଥମରୁ ମୁଁ କହୁଛି ଏହା ଏକ ରୋଗ ନୁହେଁ ବା ଏହାକୁ ନେଇ ଜଣଙ୍କ ଜୀବନରେ କିଛି ସେପରି କିଛି କ୍ଷତି ବି ହୋଇଯିବନାହିଁ । ଖୋଲା ପବନ ରହୁଥିବା ସ୍ୱଚ୍ଛ ପରିବେଶ ସମ୍ପନ୍ନ ସ୍ଥାନରେ କିଛି ସମୟ ନୀରବ ବସନ୍ତୁ । ମୋବାଇଲ, ଲାପ୍‌ଟପ୍, ସୋସିଆଲ ସାଇଟ ଏହାର ବ୍ୟବହାର ଠାରୁ ଦୂରେଇ ରଖିବା ଭଲ । ସବୁଠାରୁ ଉତ୍କୃଷ୍ଟ ହେଉଛି କିଛି ସମୟ ଧ୍ୟାନ କରିବା ଯାହାପାଇଁ ପ୍ରତ୍ୟୁଷର ବ୍ରାହ୍ମ ମୁହୂର୍ତ୍ତ ବା ସଂନ୍ଧ୍ୟା ସମୟ ଉତ୍ତମ ମୁହୂର୍ତ୍ତ । ଜୀବନକୁ ଆଧାତ୍ମିକମୟ କରିବା ବହୁତ ଭଲ । ଭୁଲିଯାଉଥିବା କ୍ଷେତ୍ରକୁ ଦେଖିଲେ କେହି କେହି ରୋଗୀର ମୁଣ୍ଡରେ କିଛି ତେଲ ମାରିବା ପାଇଁ କୁହନ୍ତି । କେହି କେହି ଆଉ କିଛି ଜଡ଼ିବୁଟିର ସାହାର ନିଅନ୍ତି ଏହା ସମ୍ପୂର୍ଣ୍ଣ ରୂପେ ଅନୁଚିତ । ଡାକ୍ତରଙ୍କ ପରାମର୍ଶ ନେଇ ଏକ ଭଲ ଦିନଚର୍ଯ୍ୟା ବିଚାର କରି ସେହିପରି ଜୀବନକୁ ବିତାନ୍ତୁ । ଭଗବାନଙ୍କ ଉପରେ ବିଶ୍ୱାସ ରଖନ୍ତୁ ଏବଂ ସଦାସର୍ବଦା ନାମସ୍ମରଣ କରିବା ଏକ ଭଲ ଅଭ୍ୟାସ । ଦେଖିବେ ଆପଣଙ୍କୁ ଆଉ ଭୁଲାକଡ଼ ବୋଲି କେହି କହିବେ ନାହିଁ ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ,
ପୁରୀଘାଟ ରୋଡ଼, କଟକ,
ଦୂରଭାଷ : ୯୧୩୨୪୩୩୩୩୩



# ମୋ ଗାଁ

## ମାତ୍ର ୯୯ ଟଙ୍କାରେ କେଏଫ୍‌ସିର ନୂଆ ଚିକେନ୍ ରୋଲ୍

ଭୁବନେଶ୍ୱର,(ପି.ଏନ): ଖାଦ୍ୟପ୍ରେମୀମାନଙ୍କ ପାଇଁ ନୂଆ କେଏଫ୍‌ସି ଚିକେନ୍ ରୋଲ୍ ଏବେ ମାତ୍ର ୯୯ ଟଙ୍କାର ଅବିଶ୍ୱସନୀୟ ମୂଲ୍ୟରେ ଆସିଯାଇଛି। କେଏଫ୍‌ସି ଚିକେନ୍ ରୋଲ୍‌ରେ ଏକ ଓଜି ହ୍ୟାଣ୍ଡ-ବ୍ରେଡେଡ୍ ଏକ୍ସଟ୍ରା କ୍ରିସ୍ପି ଓ ଜୁସି ଚିକେନ ଷ୍ଟ୍ରିପ୍ ରହିଛି ଯାହା ଗରମ ଫ୍ଲାକି ପରଟାରେ ରାପ୍ ହୋଇଥିବା ବେଳେ ସ୍ପାଇସି ଗାର୍‌ଲିକ୍, ନାସ୍‌ଭିଲେ ସସ୍ ଓ କ୍ରିସ୍ପି ଅନିଅନରେ ସୁସଜ୍ଜିତ ରହିଛି। କ୍ଲାସିକ୍ ଚିକେନ ରୋଲ୍ କେବଳ ୯୯ ଟଙ୍କା ଏବଂ ଡବଲ ଚିକେନ୍ ରୋଲ୍ ୧୪୯ ଟଙ୍କାରେ ଉପଲବ୍ଧ ହେବା ସହିତ ଏହି ସୁସ୍ୱାଦୁ ନୂଆ ଉତ୍ପାଦ ଆପଣଙ୍କୁ ପ୍ରତ୍ୟେକ ବାଇଟ୍‌ରେ ଚିକେନ୍‌ର ସ୍ୱାଦ ପ୍ରଦାନ କରିବାର ପ୍ରତିଶ୍ରୁତି ଦେଉଛି। ତେଣୁ କେଏଫ୍‌ସି ପ୍ରଶଂସକମାନଙ୍କୁ ଏବେ ସ୍ୱାଦ ଓ ନିଜର ୱାଲେଟ୍ ମଧ୍ୟରେ ଚୟନ କରିବାକୁ ପଡିବ ନାହିଁ। ଗ୍ରାହକମାନେ କମ୍ ମୂଲ୍ୟରେ ଏକ ଲଂଚ୍ ବିକଳ୍ପ ଖୋଜୁଥାନ୍ତୁ କିମ୍ବା ସାରା ଦିନର କାର୍ଯ୍ୟ ପରେ ଏକ ଫିଲିଙ୍ଗ ଡିନର କିମ୍ବା ଏକ ଟେଷ୍ଟି ମିଡ୍‌ଡେ ସ୍ନାକ୍, କେଏଫ୍‌ସି ଚିକେନ୍ ପାଇଁ ଯେକୌଣସି ସମୟ ଏକ ଉନ୍ନତ ସମୟ ଅଟେ। କେଏଫ୍‌ସିରେ ଥିବା ଅନ୍ୟ ଉତ୍ପାଦଗୁଡିକ ପରି ନୂଆ ସୁସ୍ୱାଦୁ କେଏଫ୍‌ସି ଚିକେନ୍ ରୋଲ୍ କେଏଫ୍‌ସିର ସ୍ୱଚ୍ଛତା, ସ୍କ୍ରିନିଂ, ସାମାଜିକ ଦୂରତା ଓ ଭ୍ୟାକ୍ସିନେଟେଡ୍ ଟିମ୍ ସହ କଂଟାକ୍ଟଲେସ୍ ସର୍ଭିସ୍‌ର ୫ ଗୁଣ ସୁରକ୍ଷା ପ୍ରତିଶ୍ରୁତିର ନିଶ୍ଚିତତା ସହ ଆସୁଛି। ଏକ କେଏଫ୍‌ସି ରେଷ୍ଟୁରାଂଟ୍‌ର ସମସ୍ତ ଟଚାଣ ଓ ବାରମ୍ବାର ସ୍ପର୍ଶ କରାଯାଉଥିବା ସ୍ଥାନଗୁଡିକୁ ନିୟମିତ ଭାବେ ସାନିଟାଇଜ୍ କରାଯାଉଛି, ଟିମ୍ ସଦସ୍ୟ ଓ ରାଇଡରମାନଙ୍କର ସ୍କ୍ରିନିଂ କରାଯାଇ ନିୟମିତ ଭାବେ ତାପମାତ୍ରା ଯାଂଚ କରାଯାଉଛି। ନୂଆ କନ୍‌ଭିନିଏଂଟ୍ କେଏଫ୍‌ସି ଆପ୍, ୱେବ୍‌ସାଇଟ୍ (https://online.kfc.co.in/) ମାଧ୍ୟମରେ ଏବଂ ସମସ୍ତ କେଏଫ୍‌ସି ରେଷ୍ଟୁରାଂଟ୍ ଗୁଡିକରେ ଡାଇନ୍-ଇନ୍ ଓ ଟେକ୍‌ଆୱେ ପାଇଁ ଅର୍ଡର କରି ଗ୍ରାହକମାନେ ଏହାକୁ ଉପଭୋଗ କରିପାରିବେ।

## ଓଚିନ୍ଦାରେ ମହାବୀର ପ୍ରିମିୟର ଲିଗ ଉଦ୍‌ଘାଟିତ୍

କୋରେଇ, (ପି.ଏନ): ପଥରପଦା ପଂଚାୟତ ଅନ୍ତର୍ଗତ ଓଚିନ୍ଦା ଗ୍ରାମରେ ରାତ୍ରୀକାଳୀନ ମହାବୀର ପ୍ରିମିୟର ଲିଗ ଉଦ୍ଘାଟିତ ହୋଇଛି। ମହାବୀର କ୍ରିକେଟ କ୍ଲବ ଆୟୋଜକ କ୍ରମେ ୪ ଦିନ ବ୍ୟାପି ଏହି ଟୁର୍ଣ୍ଣାମେଂଟରେ ୮ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ଉଦ୍ଘାଟନୀ ଉତ୍ସବରେ ସମସ୍ତ ଦଳ ଓ ମାଲିକ ମାନେ ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଂଟକୁ ମୁଖ୍ୟ ଅତିଥି ଭାବେ ବିଜେଡି ଯୁବ ନେତା ତଥା ସମାଜସେବୀ ପ୍ରିତୀ ରଂଜନ ସାହୁ(ଲିପା), ସମ୍ମାନୀତ ଅତିଥି ଭାବେ ବରିଷ୍ଠ ସମ୍ବାଦିକ ସୁବାସ ଧଳ, ଗଦାଧର ସାହୁ, ଡା.ନୀଳମାଧବ ପୃଷ୍ଟି ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ।

## ପୁରୀ ପାଇଁ ଐତିହାସିକ ଦିନ :ମୁଖ୍ୟମନ୍ତ୍ରୀ

ପୁରୀ/ ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): ପୁରୀରେ ଶ୍ରୀଜଗନ୍ନାଥ ମେଡ଼ିକାଲ କଲେଜ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଲୋକାର୍ପଣ ସମାରୋହରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଭର୍ଚୁଆଲ ମାଧ୍ୟମରେ ଯୋଡ଼ି ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା ପୁରୀ ପାଇଁ ଐତିହାସିକ ଦିନ। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପ୍ରଚେଷ୍ଟାରେ ପୁରୀବାସୀଙ୍କ ସେବା କରିବାରେ ଏହି ଶିକ୍ଷାନୁଷ୍ଠାନ ନାଁ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ। ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ମାଣ୍ଡଭୀୟ ଓଡ଼ିଶାବାସୀଙ୍କୁ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ଉପଲବ୍ଧ କରିବା ପାଇଁ ଆୟୁଷ୍ମାନ ଯୋଜନା ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି। ଏହି ଯୋଜନା ଲାଗୁ ହେବା ଦ୍ୱାରା ଓଡ଼ିଆ ଲୋକମାନେ ଲାଭ ପାଇବେ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭଲ ରହିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମ ପରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ କହିଥିଲେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କ୍ଷେତ୍ରରେ ଏକ ଉନ୍ନତମାନର ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି। ଏହାଦ୍ୱାରା ମେଧାବୀ ଛାତ୍ରଛାତ୍ରୀମାନେ ମେଡିକାଲ ପାଠ ପଢିବା ସହିତ ପୁରୀ ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହେଲା। କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଭବିଷ୍ୟତରେ ଭଲ ଡାକ୍ତର ହୋଇ ନିଷ୍ପାପର ଭାବେ ଉତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କ ଉଦ୍ୟମରେ ଏହି କଲେଜ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ପୁରୀର ଶ୍ରୀ ସମ୍ବିତ ନାୟକ, ରାଜସ୍ଥାନର ପ୍ରଗତୀ ମୀନା ଓ ଓଡିଶାର ଶ୍ରୀ ସିଦ୍ଧାର୍ଥ ସାହୁ ପ୍ରମୁଖ ଛାତ୍ରଛାତ୍ରୀ ଏହି ଆଲୋଚନାରେ ଭାଗ ନେଇ ପୁରୀରେ ପଢିବାର ସୁଯୋଗ ପାଇଥିବାରୁ ଖୁସି ପ୍ରକାଶ କରି ଭବିଷ୍ୟତରେ ଚିକିତ୍ସା ସେବା କ୍ଷେତ୍ରରେ ପ୍ରତିଶୃତିବଦ୍ଧ ହୋଇ କାମ କରିବେ ବୋଲି କହିଥିଲେ। ପିଲାମାନେ କଲେଜର ଭିତିଭୂମିର ଉଚ୍ଚପ୍ରଶଂସା କରିଥିଲେ। ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କରିବା ଅବସରରେ ଶ୍ରୀ ମାଣ୍ଡଭୀୟ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ସୁଲଭ ଓ ସର୍ବବ୍ୟାପୀ କରିବା ପାଇଁ ମେଡ଼ିକାଲ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ପୁରୀ ଜଗନ୍ନାଥ ମନ୍ଦିର ଯାଇ ଦର୍ଶନ କରିବା ଓ ମହାପ୍ରସାଦ ସେବନ କରିବା ଆମ ପାଇଁ ଗର୍ବର ବିଷୟ। ସେହି ପବିତ୍ର ଧାମରେ ରହି ମେଡ଼ିକାଲ ଶିକ୍ଷା ଲାଭ କରିବା ଛାତ୍ରଛାତ୍ରୀଙ୍କ ପାଇଁ ଗର୍ବର ବିଷୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ରହିଛି ସ୍ୱାସ୍ଥ୍ୟସେବା ସୁଲଭ ଏବଂ ସର୍ବବ୍ୟାପୀ ହେବା ଦରକାର। ଏଥିପାଇଁ ଏକ ଡ଼ାକ୍ତର ରୂପରେ ଛାତ୍ରଛାତ୍ରୀଙ୍କୁ ଦୂର, ସୁଦୂର, ଗାଁ ଯେଉଁଠି ବି ଦାୟିତ୍ୱ ମିଳୁଛି, ସେମାନେ ଗରିବଙ୍କ ସେବା କରିବା ପାଇଁ ନିଜକୁ ଉତ୍ସର୍ଗ କରିବା ସହ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ରରେ ଯୋଗଦାନ ରଖନ୍ତୁ। ମୋଦି ସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ରାଜ୍ୟରେ ଅନେକ ମେଡ଼ିକାଲ କଲେଜ ଆରମ୍ଭ କରିଛନ୍ତି ଏବଂ ଆଗାମୀ ଦିନରେ ଅନେକ ମେଡ଼ିକାଲ କଲେଜ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଓଡ଼ିଶା ସମେତ ଦେଶର ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ନେଇ ଉତମ ଡ଼ାକ୍ତର ହୁଅନ୍ତୁ ଏବଂ ସରକାରୀ ବ୍ୟବସ୍ଥାକୁ ଉପଯୋଗ କରି ରାଜ୍ୟ ଓ ରାଷ୍ଟ୍ର ନିର୍ମାଣରେ ନିଜର ଯୋଗଦାନ ରଖନ୍ତୁ। ସୁନ୍ଦରଗଡ଼ରେ ଏନଟିପିସି ତରଫରୁ ହସ୍ପିଟାଲ ହୋଇଛି। ତାଳଚେରରେ କୋଲ ଇଣ୍ଡିଆ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରି ମେଡ଼ିକାଲ କଲେଜ ନିର୍ମାଣ କରିଛି। ମୋଦି ସରକାରଙ୍କ ସମୟରେ ଓଡ଼ିଶାରେ ସ୍ୱାସ୍ଥ୍ୟ ସୁବିଧା, ମେଡ଼ିକାଲ କଲେଜ ଓ ସିଟ୍ ସଂଖ୍ୟା ବୃଦ୍ଧି ପାଉଛି। ଏହାର ଲାଭ ଓଡ଼ିଶାକୁ ମିଳିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ କହିଛନ୍ତି।

ଏହି ଉତ୍ସବରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ,ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ସାଂସଦ ପିନାକୀ ମିଶ୍ର,ଫାଇଭ - ଟି ସଚିବ ଭି.କେ ପାଣ୍ଡିଆନ, ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି, ରାଜ୍ୟ ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ଓ ଜିଲ୍ଲାର ସମସ୍ତ ବିଧାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି କଲେଜରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ୧୦୦ଟି ଏମବିବିଏସ ଆସନ ରହିଛି। ଏହାଦ୍ୱାରା ବର୍ତ୍ତମାନ ସାରା ରାଜ୍ୟରେ ୮ଟି ସରକାରୀ ମେଡିକାଲ କଲେଜର ସମୁଦାୟ ଏମବିବିଏସ ଆସନ ସଂଖ୍ୟା ୧୨୫୦କୁ ବୃଦ୍ଧି ପାଇଛି। ମେଡିକାଲ କଲେଜ ସହିତ ୬୫୦ ଆସନ ବିଶିଷ୍ଟ ଏକ ସାତ ମହଲା ବିଶିଷ୍ଟ ଶିକ୍ଷା ହସ୍ପିଟାଲ ନିର୍ମାଣ ପାଇଁ ମଧ୍ୟ କାମ ଚାଲିଛି। ଏହି ଶିକ୍ଷା ହସ୍ପିଟାଲ ଜୁଲାଇ ୨୦୨୩ ସୁଦ୍ଧା ଏହା ସଂପୂର୍ଣ୍ଣ ହେବ ବୋଲି ଜଣାଯାଇଛି। ବର୍ତ୍ତମାନ ଏହି କଲେଜ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶିକ୍ଷା ହସ୍ପିଟାଲ ଭାବେ କାର୍ଯ୍ୟ କରୁଛି। ପୁରୀକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବାରୁ ଏହି ମେଡିକାଲ କଲେଜ ଓ ହସ୍ପିଟାଲ ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

## ଅଳିଆ ପଦାର୍ଥରେ କୁନି ବୈଜ୍ଞାନିକ ମାନଙ୍କର ନୂତନ ଆବିଷ୍କାର : ପଦ୍ମାବତୀ ମେମୋରିଆଲ ଟ୍ରଷ୍ଟର ବିଜ୍ଞାନ ପ୍ରଦର୍ଶନୀ



ଭୁବନେଶ୍ୱର,(ପି.ଏନ): ପଦ୍ମାବତୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଚନ୍ଦ୍ରଶେଖରପୁର ସ୍ଥିତ ଗାୟତ୍ରୀ ମନ୍ଦିର ପରିସରରେ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ପରିଚାଳକ ଶୁଭଲକ୍ଷ୍ମୀ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତ୍ତର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ ଅଦରକାରୀ ପଦାର୍ଥକୁ ନେଇ କୁନି କୁନି ବୈଜ୍ଞାନିକ ମାନେ ଆବିଷ୍କାର କରିଥିବା ସୁନ୍ଦର ପକଳ୍ପକୁ ପ୍ରଶଂସା କରିବା ସହିତ କହିଥିଲେ ଆମ ପରିବେଶକୁ ବର୍ଜ୍ୟ ପ୍ଲାଷ୍ଟିକ ଏକ ପ୍ରକାର ନଷ୍ଟ କରିଦେଉଛି। ଭଙ୍ଗା ପ୍ଲାଷ୍ଟିକରୁ ପିଲାମାନେ ଯେଉଁ ସୁନ୍ଦର ପଦାର୍ଥମାନ ତିଆରି କରିଛନ୍ତି ତାହା ଅତ୍ୟନ୍ତ ଆକର୍ଷଣୀୟ। ପିଲାମାନଙ୍କ ଏଭଳି ଚିନ୍ତାଧାରା ଅନ୍ୟ ମାନଙ୍କୁ ଦିଗ୍‌ଦର୍ଶନ ଦେବା ସହ ପରିବେଶ ସ୍ୱଚ୍ଛ ରହିବ। ସମ୍ମାନିତ ଅତିଥି ଭାବେ କ୍ରିଏଟିଭ ସ୍କୁଲର ଅଧ୍ୟକ୍ଷା ସୁସ୍ମିତା ଶତପଥୀ, ଏଲପିଟିମର ସଭାପତି ରମାକାନ୍ତ ସ୍ୱାଇଁ, ଟ୍ରଷ୍ଟର ଅଧ୍ୟକ୍ଷ ଜନ୍ମେଜୟ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳରେ ଥିବା ସ୍କୁଲ ମାନଙ୍କରୁ ୫୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦାନ କରି ପ୍ରକଳ୍ପ ଉପସ୍ଥାପନ କରିଥିଲେ। କୃତି ବୈଜ୍ଞାନିକ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସମାଜସେବା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଏଲପିଟିମକୁ ସମ୍ମାନୀତ କରାଯାଇଥିଲା।

## ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସୀର ନୱାଜଙ୍କ ସଭାପତିତ୍ୱରେ ପତାକା ଉତୋଳନ କାର୍ଯ୍ୟକ୍ରମ ହୋଇଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତୋଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ନୱାଜ କହିଥିଲେ ଯେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏନ.ଏସ.ୟୁ.ଆଇ. ୧୯୭୧ ମସିହାରେ ପ୍ରତିଷ୍ଠା କରିଥିଲେ। ଛାତ୍ର କଂଗ୍ରେସର ଲକ୍ଷ୍ୟ ଛାତ୍ର ସମାଜକୁ ସଶକ୍ତ କରିବା। ଦାୟୀତ୍ୱବାନ ନାଗରିକ ଓ ନେତା ମଧ୍ୟ ସୃଷ୍ଟି କରିବା ଛାତ୍ର କଂଗ୍ରେସର କାର୍ଯ୍ୟର ଅଂଶ ବିଶେଷ ମାତ୍ର ସେମାନଙ୍କର ଗଣତାନ୍ତ୍ରୀକ, ଧର୍ମ ନିରପେକ୍ଷତା, ସମାନତା ଏବଂ ସୁଗୁଣ ରହିଥିବା ଦରକାର। ଶ୍ରୀ ନୱାଜ କହିଲେ ଓଡ଼ିଶାର ଛାତ୍ର କଂଗ୍ରେସ ଉଭୟ ନବୀନ ସରକାର ଓ ମୋଦୀ ସରକାରର ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି। ଚାକିରୀ ବିକିରୀର ପ୍ରତିବାଦ କରିଛି। ନାରୀ ନିର୍ଯ୍ୟାତନା ଓ ହତ୍ୟା, ଦରଦାମ ବୃଦ୍ଧି ପ୍ରସଙ୍ଗରେ ଉଭୟ ସରକାରକୁ ଜୋରଦାର ଘେରିଛି। ଆଜିର ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ରଞ୍ଜିତ ପାତ୍ର, ନିହାର ରଂଜନ ବେହେରା, ନଳିନୀକାନ୍ତ ନାୟକ, କାର୍ତିକେଶ୍ୱର କାଣ୍ଡି, ଅଖିଳେଷ ଯାଦବ, ବିଶ୍ୱଭୂଷଣ ମହାପାତ୍ର, ଏମଡି ସମ୍ୟୁଇଲ, ଭାଗ୍ୟଶ୍ରୀ ମହାନ୍ତି, ଜଗଦିଶ ଗଜେନ୍ଦ୍ର, ଅହମ୍ମଦ ଖାନ, ଏସ୍‌କେ ସାହାରୁଖ, ନିତେଶ ରଂଜନ ବେହେରା, ନିୟାଜୁଲ ଇସ୍‌ଲାମ, ଉଦିତ ପ୍ରଧାନ, ଜିତେନ୍ଦ୍ର ମଲ୍ଲିକ, ସନ୍ତୋଷ କୁମାର ଭୋଳ, କୁମାର ସୌରଭ, ତୋଫାନ ସେଠୀ, ଅରସଦ ଅନସାରୀ, ମିର ରିୟାଜୁଦିନ, ଆରିୟାନ ଦାସ, ଆଶିଷ ଦାସ, ଶୁଭକାନ୍ତ ବେହେରା, ରୋସନ କୁମାର କିରଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଦେଶରେ ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି: ସମୀର ମହାନ୍ତି

ଭୁବନେଶ୍ୱର,(ପି.ଏନ): ମହାନ କ୍ରାନ୍ତିକାରୀ, ସମାଜ ସୁଧାରକ ଜ୍ୟୋତିବା ଫୁଲେଙ୍କ ଜନ୍ମଜୟନ୍ତୀ ଅବସରରେ ସିନର୍ଜି ଇଷ୍ଟିଚ୍ୟୁଟ ଅଫ ଟେକନୋଲୋଜିଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଭେଟି ଜ୍ୟୋତିବା ଫୁଲେଙ୍କ ଦେଶପ୍ରତି ଅବଦାନ ବିଷୟରେ ଅବଗତ କରାଇଥିଲେ। ଯେତେବେଳେ ଦେଶରେ ନାରୀ ଶିକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଉନଥିଲା ସେତେବେଳେ ଜ୍ୟୋତିବା ଫୁଲେ ମହିଳାମାନଙ୍କ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଥିଲେ। ଜ୍ୟୋତିବା ଫୁଲେ ତାଙ୍କ ପତ୍ନୀ ସାବିତ୍ରୀବାଇ ଫୁଲେଙ୍କ ସହିତ ମିଶି ପୁନେଠାରେ ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ବାଳିକା ବିଦ୍ୟାଳୟ ସ୍ଥାପନ କରି ନାରୀ ଶିକ୍ଷା ଶିକ୍ଷାଦ୍ୱାରା ସମାଜର ଅଗ୍ରଗତି ସମ୍ଭବ ବୋଲି ବାର୍ତା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜ୍ୟୋତିବା ଫୁଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମହିଳାଙ୍କ ପ୍ରତି ବିଭିନ୍ନ ଯୋଜନା ମଧ୍ୟ କରିଛନ୍ତି। ମହିଳାମାନଙ୍କ ପାଇଁ ଶୌଚାଳୟ, ଉଜ୍ଜ୍ୱଳା, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଯୋଜନା, ପୋଷଣ ଅଭିଯାନ ଭଳି ଯୁଗାନ୍ତକାରୀ ପଦକ୍ଷେପମାନ ନେଇ ମହିଳାଙ୍କୁ ସମ୍ମାନ, ସ୍ୱାଭିମାନ ଓ ସଶକ୍ତ କରିବାକୁ ତାଙ୍କ ସରକାରରେ ଅନେକ ଯୋଜନା କରିଥିବାରୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ବିନୋଦ ଦାଶ, ଇଷ୍ଟିଚ୍ୟୁ ନିର୍ଦ୍ଦେଶକ ଚନ୍ଦ୍ରସେନ ଜଗତଦେଓ, ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଅର୍ପିତା ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଓଚିନ୍ଦାରେ ମହାବୀର ପ୍ରିମିୟର ଲିଗ ଉଦ୍‌ଘାଟିତ୍

କୋରେଇ, (ପି.ଏନ): ପଥରପଦା ପଂଚାୟତ ଅନ୍ତର୍ଗତ ଓଚିନ୍ଦା ଗ୍ରାମରେ ରାତ୍ରୀକାଳୀନ ମହାବୀର ପ୍ରିମିୟର ଲିଗ ଉଦ୍ଘାଟିତ ହୋଇଛି। ମହାବୀର କ୍ରିକେଟ କ୍ଲବ ଆୟୋଜକ କ୍ରମେ ୪ ଦିନ ବ୍ୟାପି ଏହି ଟୁର୍ଣ୍ଣାମେଂଟରେ ୮ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ଉଦ୍ଘାଟନୀ ଉତ୍ସବରେ ସମସ୍ତ ଦଳ ଓ ମାଲିକ ମାନେ ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଂଟକୁ ମୁଖ୍ୟ ଅତିଥି ଭାବେ ବିଜେଡି ଯୁବ ନେତା ତଥା ସମାଜସେବୀ ପ୍ରିତୀ ରଂଜନ ସାହୁ(ଲିପା), ସମ୍ମାନୀତ ଅତିଥି ଭାବେ ବରିଷ୍ଠ ସମ୍ବାଦିକ ସୁବାସ ଧଳ, ଗ୍ରାମ୍ୟ ମୁରବୀ ରଘୁନାଥ ପାଢୀ, ଯୁବ ନେତା ଶଶିଭୂଷଣ ସେନାପତି, ଗଦାଧର ସାହୁ, ଡା.ନୀଳମାଧବ ପୃଷ୍ଟି ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଉଦ୍ଘାଟନୀ ମ୍ୟାଚ ଗୋପିନାଥ ନାଇଟ ରାଇଡର ବନାମ ଉତ୍କଳମଣି ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗୋପିନାଥ ଟସ ଜିଣି ବ୍ୟାଟିଙ୍ଗ କରିବାର ନିଷ୍ପତି ନେଇ ନିର୍ଦ୍ଧାରିତ ୫ ଓଭରରେ ବିନା ୱିକେଟରେ ୩୯ରନ ସଂଗ୍ରହ କରିଥିଲେ। ଜବାବରେ ଉତ୍କଳମଣି ଏକାଦଶ ନିର୍ଦ୍ଧାରିତ ୫ଓଭରରେ ୬ ୱିକେଟ ହରାଇ ୨୮ ରନ କରି ପରାଜୟ ବରଣ କରିଥିଲା। ଏହି ମ୍ୟାଚକୁ ମସୀର ସାହୁ ଓ ସନ୍ତୋଷ ଦାସ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ଭରତ ସାହୁ ଓ ଶ୍ରୀକାନ୍ତ ଦାସ ଯୋଗଦେଇଥିବା ବେଳେ ସତ୍ୟଜିତ ସେନାପତି ଓ ପୁନିତ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଦେବଦତ ସେନାପତି, ସୌରପ୍ରତାପ ସେନାପତି, ଅଭିମନ୍ୟୁ ପରିଡା, ଲକ୍ଷ୍ମଣ ମାଝୀ, ପିୟୁଷ କୁମାର ସାହୁ, ପ୍ରଦୀପ ମାଝୀ, ଅଜୟ ଗିରି ସୁରଜିତ ସେନାପତି, ଜୟନ୍ତ ସାହୁ, ମନୋଜ ପରିଡା, ସୁକାନ୍ତ ମାଝୀ, ବିଜୟ କୁମାର ଗିରି, ଶିଶିର ସାହୁ, ଅର୍ଜୁନ ମାଝୀ, ବବୁଲ ପହୀ ପ୍ରମୁଖ ପରିଚାଳନା କରିଥିଲେ।

## ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯତ୍ନ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଠକ୍ଷଣ୍ୱ;ରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯତ୍ନ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡ୍‌ଗୁଡିକୁ ପଛରେ ପକାଇଦେବା ଆଶା

କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।

## ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଟାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ଲେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି। ୦.୩ ମିଟର ହିସାବରେ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି। ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାର୍ଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ। ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି। ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୂର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ଫର ସାହାଯ୍ୟର ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି। ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାହରଣ ମଧ୍ୟ ରହିଛି। ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଇ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ୍ୟ ପିଇ ପାରୁ ନାହାନ୍ତି। ରାଜ୍ୟ ପରିବେଶ ଓ ପ୍ରଭାବ ମୁଲ୍ୟାୟନ କର୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୁଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି।

## ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଘଂନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଘଂନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି। ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି। ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି। ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧିକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ। ରାସ୍ତାର ୨ ପାର୍ଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟବିତ କରାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରିର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହାକୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ। ବ୍ରିଜ ଅଞ୍ଚଳର କରୋନା ମହାମରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ। ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ।




# ଆଜିର ଯୁବପୀଢ଼ି ଓ ବରିଷ୍ଠ ନାଗରିକ

ଭୁବନେଶ୍ୱର(ପିଏନ୍): ଭାରତବର୍ଷର ସ୍ୱପ୍ନ, ସମ୍ଭାବନା ଓ ଭବିଷ୍ୟତ ଦେଶର ଯୁବପିଢ଼ୀଙ୍କ ଉପରେ ନ୍ୟସ୍ତ। ତେବେ ନିକଟ ଭବିଷ୍ୟତରେ ଯୁବ ଶକ୍ତି ଆମ ଦେଶର ସବୁଠାରୁ ବଡ଼ ଶକ୍ତି, ସମ୍ବଳ ଓ ସଂପଦ ହେବାକୁ ଯାଉଛି। ଏ କଥା ବିଭିନ୍ନ ସର୍ବେକ୍ଷଣ ତଥା ପରିସଂଖ୍ୟାନରୁ ସ୍ପଷ୍ଟ ହୋଇଛି। ଏବେ ଆମ ଦେଶରେ ୫୦ ପ୍ରତିଶତଙ୍କ ବୟସ ୨୫ ବର୍ଷ ତଳେ। ଦଶରୁ ଚବିଶ ବର୍ଷ ବୟସ ଗୋଷ୍ଠୀରେ ଏବେ ଅଛନ୍ତି ୩୬୫ ନିୟୁତ ଭାରତୀୟ ଯୁବକ ଯୁବତୀ। ଭାରତୀୟ ଜନ ସଂଖ୍ୟାର ୬୫ ପ୍ରତିଶତଙ୍କ ବୟସ ୩୫ ବର୍ଷ ତଳେ। ଏକ ଆକଳନରୁ ଜଣାପଡ଼ିଛି ଯେ ୨୦୨୦ ମସିହା ଶେଷବେଳକୁ ଭାରତର ଯୁବକଯୁବତୀଙ୍କ ସଂଖ୍ୟା ପୃଥିବୀର ଯେକୌଣସି ଦେଶ ତୁଳନାରେ ସର୍ବାଧିକ ଥିଲା ଏବଂ ସେଇ ସମୟରେ ଭାରତୀୟମାନଙ୍କ ହାରାହାରି ବୟସ ହୋଇଥିଲା ୨୯। ଏହା ନିଶ୍ଚିତ ଭାବେ ଆଶା ଉଦ୍ରେକକାରୀ। କାରଣ ଯଦି ମାନବ ସମ୍ବଳର ଏକ ବୃହତ୍ ଭାଗ ଯୁବଗୋଷ୍ଠୀ ହେବେ, ତେବେ ସେ ଦେଶର ପ୍ରଗତିର ସେ ଦେଶର ପ୍ରଗତିର ବେଗ ଦ୍ରୁତ ହେବା ଅନିବାର୍ଯ୍ୟ। କିନ୍ତୁ ଏ ପରିପ୍ରେକ୍ଷୀରେ ଆଉ ଏକ ପରିସଂଖ୍ୟାନ ଏହା ବି ଜଣେଇ ଦେଉଛି ଯେ ଭବିଷ୍ୟତର ଯୁବ ଉନ୍ମାଦନା ପରିଚାଳିତ ଭାରତରେ ଏକ ଅଦୃଶ୍ୟ କ୍ଷତ ଭାରତୀୟ ସମାଜକୁ ଯନ୍ତ୍ରଣା ଜର୍ଜରିତ କରୁଥିବ, କିନ୍ତୁ ଅଦୃଶ୍ୟ ହୋଇଥିବା ହେତୁ ତାହା ବାହାରକୁ ଜଣାପଡୁ ନଥିବ। ସେ କ୍ଷତଟି ହେଲା ବରିଷ୍ଠ ନାଗରିକଙ୍କ ସଂଖ୍ୟା ବୃଦ୍ଧି ସହିତ ସେମାନଙ୍କ ଦୟନୀୟସ୍ଥିତି। ବିଭିନ୍ନ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ୬୦ ବର୍ଷ ବୟସରୁ ଅଧିକ ବୟସ ବର୍ଗର ଭାରତୀୟଙ୍କ ସଂଖ୍ୟା ଏବେ ୧୦୪ ନିୟୁତ। କିନ୍ତୁ ଉଦ୍‌ବେଗର କଥା ହେଲା ୨୦୦୬ରୁ ୨୦୫୦ ଭିତର ଅବଧିରେ ଭାରତୀୟ ଜନସଂଖ୍ୟାରେ ୪୦ ପ୍ରତିଶତ ବୃଦ୍ଧି ଦେଖାଦେବାର ସମ୍ଭାବନା ଥିବାବେଳେ ୬୦ବର୍ଷ ବୟସରୁ ଅଧିକ ବୟସ ବର୍ଗର ଲୋକମାନଙ୍କ ସଂଖ୍ୟାରେ କଳ୍ପନାନୀତ ଭାବେ ୨୭୦ ପ୍ରତିଶତ ବୃଦ୍ଧି ଘଟିଥିବ। ଜାତିସଂଘର ଜନସଂଖ୍ୟା ଡିଭିଜନ ସୂତ୍ରରୁ ପ୍ରକାଶ ଯେ ୨୦୫୦ ବେଳକୁ ଭାରତରେ ୮୦ ବର୍ଷରୁ ଅଧିକ ବୟସର ଲୋକଙ୍କ ସଂଖ୍ୟା ହୋଇଥିବ ୪୮ ନିୟୁତ ଏବଂ ୬୦ବର୍ଷ ବୟସରୁ ଅଧିକ ବୟସ ବର୍ଗର ଲୋକଙ୍କ ସଂଖ୍ୟା ହୋଇଥିବ ୩୨୪ ନିୟୁତ। ଏଇ ବୟସ ବର୍ଗର ଲୋକଙ୍କ ଭିତରୁ ଅସଂଖ୍ୟ ବେଶ୍ ସମର୍ଥ ହୋଇଥିବା ସତ୍ତ୍ୱେ କାର୍ଯ୍ୟରୁ ଅବସର ନେବାକୁ ବାଧ୍ୟ ହୋଇଥିବେ ଏବଂ ନିଜ ନିଜ ଘର ଭିତରକୁ ଅପସରି ଯାଇଥିବେ। ବିଭିନ୍ନ କାର୍ଯ୍ୟ କରିବାକୁ ଯୋଗ୍ୟ ହୋଇଥିବା ସତ୍ତ୍ୱେ ସେମାନେ ସୀମାନ୍ତରିତ ହୋଇଯାଇ ଥିବେ। ଜଣାଯାଇଛି ଯେ ଏବେ ଅବସର ନେଉଥିବା ଲୋକଙ୍କ ଭିତରେ ୯୨ ପ୍ରତିଶତ ପେନ୍‌ସନ ପାଆନ୍ତି ନାହିଁ ଏବଂ ୯୦ ପ୍ରତିଶତ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ଭିତରେ ଅନ୍ତର୍ଭୁକ୍ତ ନୁହନ୍ତି। ପୃଥିବୀଟା ଯୁବକମାନଙ୍କର ବୋଲି କୁହାଯାଏ। କାରଣ ଯୁବକମାନେ ହିଁ ଏ ଜଗତର ନାନା କାରବାର ଚଳାନ୍ତି। କିନ୍ତୁ କ୍ରମେ ଯେଉଁ ବିଡ଼ମ୍ବିତ ସମୟଟି ଆସିବାକୁ ଯାଉଛି ସେଥିରେ ଦେଖାଯିବ ଯେ ବରିଷ୍ଠ ନାଗରିକମାନେ ଶିକ୍ଷାଦୀକ୍ଷାର ପ୍ରଭାବରୁ, ଖାଦ୍ୟପେୟ ତଥା ଉନ୍ନତ ଚିକିତ୍ସା ସେବାର ପ୍ରସାଦରୁ ଅଧିକ ସକ୍ରିୟ ତଥା ଯୁବକସୁଲଭ ହୋଇପାରିଥିଲେ ମଧ୍ୟ ସେମାନେ ନିଃସଙ୍ଗ ଏବଂ କର୍ମହୀନ ଜୀବନ ଜିଇବାକୁ ବାଧ୍ୟ ହେବେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆମ ସମୟର ବରିଷ୍ଠ ନାଗରିକଙ୍କ ଉନ୍ନତିକଳ୍ପେ ଅନେକ ଯୋଜନା ଓ ପ୍ରକଳ୍ପ ହାତକୁ ନେଇଛନ୍ତି। ବିଶେଷକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବରିଷ୍ଠ ନାଗରିକଙ୍କ ଧନଜୀବନ ଓ ସ୍ୱାସ୍ଥ୍ୟ ସୁରକ୍ଷାକୁ ଲକ୍ଷ୍ୟ କରି ସ୍ୱତନ୍ତ୍ର ଭାବେ କିଛି କେନ୍ଦ୍ରୀୟ ଯୋଜନା ହାତକୁ ନେଇଛନ୍ତି ଯାହାକି ପରିଣତ ବୟସରେ ପହଞ୍ଚିଥିବା ଜଣେ ଲୋକଟି ପାଇଁ ଆଶା ସଞ୍ଜିବନୀ ସଦୃଶ। ଓଡ଼ିଶା ସରକାର ଆଉ ପାଦେ ଆଗକୁ ଯାଇ ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ସମସ୍ତ ସହାୟତା ନିମିତ୍ତ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ବିଶେଷକରି କଟକ-ଭୁବନେଶ୍ୱର ଦ୍ୱୈତ ନଗରୀରରେ ଏକାକୀ ରହୁଥିବା ବରିଷ୍ଠ ନାଗରିକମାନେ କିପରି ନିରାପଦରେ ଜୀବନ ନିର୍ବାହ କରିବେ ଓ ତାଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଗଲେ ଓଡ଼ିଶା ପୋଲିସର ନିୟୋଜିତ କିଛି ସ୍ୱତନ୍ତ୍ରକର୍ମୀ ମାନେ ସେମାନଙ୍କ ଦାୟିତ୍ୱ ସୁରକ୍ଷା ନେବା ପାଇଁ ଗୃହବିଭାଗ ଏ ନେଇ କାର୍ଯ୍ୟ ଆରମ୍ଭ କରିସାରିଲାଣି। କେବଳ ସେତିକି ନୁହେଁ ବ୍ୟାଙ୍କରୁ ଟଙ୍କା ଉଠାଇବା ହେଉ ବା ନିଜ ଦେହପା ଜନିତ ସମସ୍ୟା ଡାକ୍ତରଙ୍କୁ ଦେଖାଇବା ଏସବୁ କାମ ପାଇଁ ନିକଟଅତୀତରେ ଓଡ଼ିଶା ସରକାରଙ୍କର 'ପୋଲିସ ପୁଅ' ଶୀର୍ଷକ କାର୍ଯ୍ୟକ୍ରମ ହାତକୁ ନେଇ ସମାଜର ଏହି ବର୍ଷୀୟାନ ନାଗରିକଙ୍କ ସେବା ପାଇଁ ସମର୍ପିତ ହୋଇପାରିଛି। ସମାଜରେ ଯୁବପିଢ଼ୀମାନେ ପରିଣତ ବୟସରେ ପହଞ୍ଚିଥିବା ଏହି ଅଭିଜ୍ଞସମ୍ପନ୍ନ ଓ ଗରିମାମୟ ବ୍ୟକ୍ତିତ୍ୱଙ୍କର ଅନୁଭୂତିକୁ ନିଜ ଜୀବନରେ କାର୍ଯ୍ୟକାରୀ କରିପାରିଲେ ଏକ ସାମାଜିକ ଆନ୍ଦୋଳନ ସୃଷ୍ଟି ହୋଇପାରିବ।

# "ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ଼ସ"ର ଅଧିକାରୀ ପ୍ରଫେସର ଉଦୟନାଥ ସାହୁ



ନୂଆଦିଲ୍ଲୀ/ଭୁବନେଶ୍ୱର (ପିଏନ୍): ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ଭାରତୀୟ ଭାଷା କେନ୍ଦ୍ରରେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଓଡ଼ିଆ "ଆଦି ସାରଳା ଦାସ ଚେୟାର"ର ପ୍ରଫେସର ଉଦୟନାଥ ସାହୁଙ୍କ ଦ୍ୱାରା ଓଡ଼ିଆ, ବଙ୍ଗଳା ଓ ଆସମୀୟା ଭାଷାରେ ଲିଖିତ ମହାଭାରତ ଓ ଶ୍ରୀମଦ୍ ଭାଗବତର ତୁଳନାତ୍ମକ ଗବେଷଣାକୁ "ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ଼ସ"- ୨୦୨୨ରେ ସ୍ଥାନ ଦେଇଛନ୍ତି। ପ୍ରଥମ ଓଡ଼ିଆ ଗବେଷକ ଭାବେ ସେ ଏହି ଗୌରବର ଅଧିକାରୀ ହୋଇପାରିଛନ୍ତି। ସେପ୍ଟେମ୍ବର ୭ ତାରିଖରେ ମେଡାଲ ସହ ପ୍ରଶଂସାପତ୍ର ତାଙ୍କୁ ପ୍ରଦାନ କରାଯାଇଛି। ଅନ୍ୟ ଗବେଷକମାନଙ୍କ ପାଇଁ ସେ ପ୍ରେରଣାର ସ୍ରୋତ ହେବେ ନିଶ୍ଚୟ। ପ୍ରଫେସର ସାହୁ ସଂସ୍କୃତ ମହାଭାରତ ଓ ସାରଳା ମହାଭାରତକୁ ମଧ୍ୟ ତୁଳନାତ୍ମକ ଭାବେ ଗବେଷଣା କରି କଥା ଓ ଚରିତ୍ରର ସାମ୍ୟ ଓ ବୈଷମ୍ୟକୁ ପ୍ରଦର୍ଶନ କରିଛନ୍ତି। କେବଳ ସେତିକି ନୁହେଁ ଜାପାନର "ଓଟାନି" ବିଶ୍ୱବିଦ୍ୟାଳୟରେ ଭାଗବତ ଓ ମହାଭାରତର ମୂଳଧାରାକୁ ଶ୍ରେୟ କରି ପ୍ରାଚୀନ ଓଡ଼ିଆ ସାହିତ୍ୟରୁ ଭାରତୀୟ ସାହିତ୍ୟ ମଧ୍ୟ ଦେଇ ସାରଳା ମହାଭାରତରେ ତୁଳନାତ୍ମକ ଗବେଷଣା ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇପାରିଛି। ଆଧୁନିକ ସାହିତ୍ୟ, ମଧ୍ୟଯୁଗୀୟ ସାହିତ୍ୟ ତଥା ଫକୀରମୋହନ ସାହିତ୍ୟ ସମ୍ପର୍କରେ ଉଚିତ ଗବେଷଣାତ୍ମକ ପୁସ୍ତକଗୁଡ଼ିକ ଓଡ଼ିଆ ସାହିତ୍ୟର ଦିଗକୁ ସମୃଦ୍ଧ କରିବାରେ ସହାୟକ ହୋଇପାରିଛି।

ପୂର୍ବ-ଭାରତୀୟ ମହାଭାରତ ପରମ୍ପରା, ସାରଳା ମହାଭାରତ ସୃଷ୍ଟିର ଭୂମିପର୍ବ, ଭାଗବତ ପରମ୍ପରା ଓ ଭକ୍ତି ଆନ୍ଦୋଳନ, ସାରଳା ମହାଭାରତର ମନ୍ତ୍ରୀ ଓ ସେନାପତି, ଭାଗବତର ଭାବଭୂମି, ଭାଗବତର ସୃଷ୍ଟି ସୌରଭ, ପୂର୍ବ ଭାରତୀୟ ମହାଭାରତରେ ନୀତିଭକ୍ତି ଓ ଜାତୀୟ ସଂହତି, Reflection on the Great Indian Epic Mahabharat in Odisha, Begnal and Assam, ସ୍ୱର୍ଗାରୋହଣ ପର୍ବ ପ୍ରଭୃତି ଉଲ୍ଲେଖନୀୟ ଅବଦାନ ପାଇଁ ଦେଶବିଦେଶରେ ବେଶ ଚର୍ଚ୍ଚା ସହିତ ଓଡ଼ିଆ ମାଟି ପାଇଁ ଉଲ୍ଲେଖନୀୟ କୃତି। ଏତଦବ୍ୟତୀତ ଦୁଇଶହରୁ ଅଧିକ ଗବେଷଣାତ୍ମକ ସନ୍ଦର୍ଭ ରଚନା କରି ବେଶ୍ ପରିଚିତ ହୋଇପାରିଛନ୍ତି। ଅନେକ ସମ୍ମାନରେ ସମ୍ମାନିତ ଡ: ସାହୁ ନୟାଗଡ଼ ଜିଲ୍ଲାର ସାନକିଲୋ ଗ୍ରାମରେ ଜନ୍ମଗ୍ରହଣ କରି ମାତୃଭାଷା, ମାତୃଭୂମି ପାଇଁ ଗୌରବ ଆଣିପାରିଛନ୍ତି।

# ବିପଦରେ ସୋରେନ



ବହୁଚର୍ଚ୍ଚିତ ଲାଭଜନକ ପଦବୀ ମାମଲାରେ ୧୯୫୧ ଲୋକପ୍ରତିନିଧି ଆଇନ ଅନୁଯାୟୀ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ବିଧାନସଭା ସଭ୍ୟ ପଦ ରଦ୍ଦ ଲାଗି ନିର୍ବାଚନ କମିଶନ ରାଜ୍ୟପାଳଙ୍କୁ ସୁପାରିଶ କରିବା ପରେ ଝାଡଖଣ୍ଡ ସରକାରଙ୍କ ଭାଗ୍ୟ ଏବେ ସୂତାଖିଅରେ ଝୁଲୁଛି ବୋଲି କୁହାଯାଇପାରେ। ନିର୍ବାଚନ କମିଶନଙ୍କ ସୁପାରିଶ ସପ୍ତାହକ ପୂର୍ବରୁ ପହଁଚିଥିବା ସତ୍ତ୍ୱେ ବର୍ତମାନ ସୁଦ୍ଧା ରାଜ୍ୟପାଳ କୌଣସି ପଦକ୍ଷେପ ନେଇ ନଥିବା ବେଳେ ରାଜ୍ୟ ରାଜନୀତିରେ ଏବେ ଅନିଶ୍ଚିତତା ସୃଷ୍ଟି ହୋଇଗଲାଣି। ଉଲ୍ଲେଖଯୋଗ୍ୟ ଯେ, ଗତ ୨୦୨୧ରେ ମୁଖ୍ୟମନ୍ତ୍ରୀ ତଥା ଖଣିମନ୍ତ୍ରୀ ଭାବେ ନିଜ ନାମରେ ଏକ ଖଣି ଲିଜ୍ ନେଇଥିବାରୁ ନିର୍ବାଚନ କମିଶନ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ବିଧାୟକ ପଦ ରଦ୍ଦ ଲାଗି ସୁପାରିଶ କରିଛନ୍ତି। ଏହା ଦ୍ୱାରା ରାଜ୍ୟ ପୁଣି ଥରେ ଅସ୍ଥିରତା ଆଡକୁ ଟାଣି ହୋଇଯାଇଛି। କହିବା ବାହୁଲ୍ୟ ଯେ, ୨୦୦୦ ମସିହାରେ ବିହାରଠାରୁ ପୃଥକ ହୋଇ ସ୍ୱତନ୍ତ୍ର ଝାଡଖଣ୍ଡ ରାଜ୍ୟ ଗଠିତ ହେବା ପରେ ବିଗତ ୨୨ବର୍ଷ ମଧ୍ୟରେ ରାଜନୈତିକ ଅସ୍ଥିରତା ଯୋଗୁଁ ୧୧ ଥର ସରକାର ପରିବର୍ତନ ଘଟିଥିବାବେଳେ ୩ଥର ରାଷ୍ଟ୍ରପତି ଶାସନ ଜାରି ହୋଇଛି। ଝାଡଖଣ୍ଡରେ ମୁଖ୍ୟ ବିରୋଧିଦଳ ବିଜେପି ମୁଖ୍ୟମନ୍ତ୍ରୀ ସୋରେନଙ୍କ ଇସ୍ତଫା ଦାବିରେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିଥିବାବେଳେ ଝାଡଖଣ୍ଡ ମୁକ୍ତିମୋର୍ଚ୍ଚା, କଂଗ୍ରେସ ଏବଂ ଆରଜେଡି ମେଂଟକୁ ଅକ୍ଷୁର୍ଣ୍ଣ ରଖିବା ଲାଗି ମୁଖ୍ୟମନ୍ତ୍ରୀ ସୋରେନ ସେମାନଙ୍କୁ ଛତିଶଗଡକୁ ନେଇ ଏକ ହୋଟେଲରେ ରଖିଥିଲେ। ଅବଶ୍ୟ ଆମ ଦେଶରେ ହୋଟେଲ ରାଜନୀତି ନୂଆ ନୁହେଁ। ଏହାର କାରଣ ହେଉଛି ଘୋଡା ବେପାରକୁ ରୋକିବା। କହିବା ବାହୁଲ୍ୟ ଯେ, ମେଂଟ ସରକାର ଏବେ ଅସ୍ଥିରତା ଆଡକୁ ଟାଣି ହୋଇଯାଇଛି। ଅବଶ୍ୟ ମୁଖ୍ୟମନ୍ତ୍ରୀ ସୋରେନ ବିଧାନସଭାରେ ଆସ୍ଥାଭୋଟରେ ଜୟଲାଭ କରିଛନ୍ତି। ଏହା ନିଶ୍ଚିତ ଯେ, ମୁଖ୍ୟମନ୍ତ୍ରୀ ସୋରେନ ନିଜ ପାଖରେ ଖଣି, ଭୂବିଜ୍ଞାନ ଏବଂ ପର୍ଯ୍ୟବେକ୍ଷଣ ସମ୍ବନ୍ଧୀୟ ବିଭାଗ ରଖିଥିବାବେଳେ କ୍ଷମତାର ଦୁରୁପଯୋଗ କରି ନିଜ ନାମରେ ଖଣି ଲିଜ୍ ନେଇଛନ୍ତି। ଏହା ଲୋକପ୍ରତିନିଧି ଆଇନର ଧାରା ୯(୧)ର ଉଲଂଘନ ଏବଂ ବେଆଇନ କାର୍ଯ୍ୟ ଏଥିରେ ସନ୍ଦେହ ନାହିଁ। ଏହା କହିବା ଯଥାର୍ଥ ଯେ, ଆମ ଦେଶରେ ଖଣି ବ୍ୟବସାୟ ଏକ ଲାଭଜନକ ବ୍ୟବସାୟରେ ପରିଣତ ହୋଇଛି। ଖଣି ପଟ୍ଟା ଆବଟଂନରେ କୋଟି କୋଟି ଟଙ୍କାର ଭିତିରି କାରବାର ହୋଇଥାଏ, ଯାହାକି ଦେଶରେ ୨୧୬ଟି କୋଇଲା ଖଣି ଆବଟଂନକୁ କିଛିବର୍ଷ ତଳେ ସୁପ୍ରିମକୋର୍ଟ ରଦ୍ଦ କରିବା ଘଟଣା ସ୍ପଷ୍ଟ କରିଛି। ଉଲ୍ଲେଖଯୋଗ୍ୟ ଯେ ଝାଡଖଣ୍ଡ ହେଉଛି ମୂଲ୍ୟବାନ ଖଣିଜ ଭଣ୍ଡାରର ରାଜ୍ୟ। ଦେଶର ୪୦ ପ୍ରତିଶତ ଖଣିଜ ପଦାର୍ଥ ଏବଂ ୩୦ ପ୍ରତିଶତ କୋଇଲା ମହଜୁଦ ରହିଛି। କିନ୍ତୁ ଏହି ଖଣିଜ ସମ୍ପଦରେ ଭରପୁର ରାଜ୍ୟର ବହୁ ସମୟରେ ଖଣି ଦୁର୍ନୀତିକୁ ନେଇ ଦୁର୍ନାମ ରହିଛି। ଯାହାକି ରାଜ୍ୟରେ ରାଜନୈତିକ ଅସ୍ଥିରତାର ମୁଖ୍ୟ କାରଣ ହୋଇଛି। ଅତୀତରେ ୨୦୦୬ରୁ ୨୦୦୮ ମସିହା ମଧ୍ୟରେ ରାଜ୍ୟରେ କୋଇଲା ବ୍ଲକ ଆବଟଂନରେ ବ୍ୟାପକ ଦୁର୍ନୀତି ମାମଲାରେ ୨୦୧୭ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ମଧୁ କୋଡାଙ୍କୁ ସିବିଆଇ ଅଦାଲତ ଦୋଷୀ ସାବ୍ୟସ୍ତ କରିଥିଲା। ମଧୁ କୋଡା ୩୩୪ କୋଟି ଟଙ୍କା ଖଣି ଦୁର୍ନୀତିରେ ଲିପ୍ତ ଥିବା ସିବିଆଇ ତଦନ୍ତରୁ ଜଣାପଡିଥିଲା। ରାଜ୍ୟରେ ଖଣି ଦୁର୍ନୀତିର ମୂଳୋତ୍ପାଟନ ପାଇଁ ସୋରେନ ରାଜ୍ୟବାସୀଙ୍କୁ ନିର୍ବାଚନ ପ୍ରତିଶ୍ରୁତି ଦେଇ କ୍ଷମତାସୀନ ହୋଇଥିଲେ। କହିବା ବାହୁଲ୍ୟ ଯେ, ଝାଡଖଣ୍ଡ ବିଜେପିର ଏକ ଦୁର୍ଗ ଭାବେ ପରିଚିତ ଥିବାବେଳେ ବିଜେପିକୁ କ୍ଷମତାଚ୍ୟୁତ କରି ଜେଏମଏମ କ୍ଷମତା ହାତେଇଥିଲା। କେବଳ ଏତିକି ନୁହେଁ, ରାଜ୍ୟ ନାମରେ ରହିଥିବା ଖଣି ମାଫିଆ ଆଖ୍ୟାକୁ ସବୁଦିନ ପାଇଁ ବନ୍ଦ କରିବା, ଖଣି ଅଂଚଳରେ ଖଣିଜ ପଦାର୍ଥର ଚୋରାଚାଲାଣ ରୋକିବାକୁ ଖଣି ଅଂଚଳରେ କ୍ୟାମେରା ଲଗାଇବା ଏବଂ ଖଣି ସଂକ୍ରାନ୍ତୀୟ ଅଭିଯୋଗ ଗ୍ରହଣ ପାଇଁ ନିଃଶୁଳ୍କ ଟେଲିଫୋନ ନମ୍ବର ଜାରି ରଖିବା ପାଇଁ ଭୋଟଦାତାଙ୍କୁ ପ୍ରତିଶ୍ରୁତି ଦେଇଥିବା ସୋରେନ ଶେଷରେ ଖଣି ଦୁର୍ନୀତିରେ ଛନ୍ଦି ହୋଇଯାଇଛନ୍ତି। ଅବଶ୍ୟ ଖଣି ପଟ୍ଟା ଫେରାଇ ଦେଇଥିବା ସୋରେନ କହିଛନ୍ତି। ସେ ଖଣି ପଟା ଫେରାଇ ଦେବା ଯଦି ସତ୍ୟ ହୋଇଥାଏ, ସ୍ୱାଗତଯୋଗ୍ୟ। କିନ୍ତୁ ତାଙ୍କ ନାମରେ ଉଠିଥିବା କଳଙ୍କର ଅଧ୍ୟାୟ ତଥା ବେଆଇନ କାର୍ଯ୍ୟ ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ। ଲୋକପ୍ରତିନିଧି ଆଇନ ଅନୁଯାୟୀ ଲାଭଜନକ ପଦବୀ ମାମଲାରେ ସୋରେନ ଯଦି ଆଯୋଗ୍ୟ ଘୋଷିତ ହୁଅନ୍ତି, ତେବେ ସଭ୍ୟପଦ ହରାଇବା ନିଶ୍ଚିତ। କାରଣ ଆମ ଦେଶରେ ଲାଭଜନକ ପଦବୀ ମାମଲାରେ ସାଂସଦ ଓ ବିଧାୟକଙ୍କ ସଭ୍ୟପଦ ରଦ୍ଦ ହେବା ନୂଆକଥା ନୁହେଁ। ଅତୀତରେ ବହୁ ସାଂସଦ ଓ ବିଧାୟକଙ୍କ ସଭ୍ୟପଦ ରଦ୍ଦ ନେଇ ବହୁ ନଜିର ରହିଛି। ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ଯେ, ସୋରେନ ମୁଖ୍ୟମନ୍ତ୍ରୀ ପଦ ପାଇଁ ବିପଦ ଟାଣି ଆଣିଛନ୍ତି। ତାଙ୍କ ବିରୁଦ୍ଧରେ ହୋଇଥିବା ଅଭିଯୋଗ ଉପରେ ତାଙ୍କ ଦଳ ଓ ସହଯୋଗୀମାନେ ମିଳିତ ନିଷ୍ପତି ନେବାର ଆବଶ୍ୟକତା ରହିଛି। କେବଳ ଏତିକି ନୁହେଁ, ତାଙ୍କର ଇସ୍ତଫା ମେଂଟ ସରକାରଙ୍କ ପାଇଁ ଏକ ଏସିଡ ଟେଷ୍ଟ, ଏଥିରେ କୌଣସି ସନ୍ଦେହ ନାହିଁ।

**ସୌଭାଗ୍ୟରଂଜନ ମହାନ୍ତି (ରାଜା), ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦, ୨ମୋବାଇଲ ନଂ-୯୪୩୭୯୯୪୩୭୯**


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Praggyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ପ୍ରତାପନଗରୀ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

ଫୁଲନଖରା (ପିଏନ୍)-ସିଏମସି ୫୮ନମ୍ବର ୱାର୍ଡ଼ ପ୍ରତାପନଗରୀ ଦୁର୍ଗା ପୂଜା କମିଟିର ଦଶହରା ଉତ୍ସବ ନିମନ୍ତେ ମାଟି ଅନୁକୂଳ ଅନୁଷ୍ଠିତ ହୋଇଥିଲା। କର୍ତ୍ତା ପ୍ରକାଶ ସ୍ୱାଇଁ ଓ ମରୁତ ସ୍ୱାଇଁଙ୍କ ସମେତ ପୂଜକ ଧିରେନ୍ଦ୍ର ପାଢ଼ୀ, ରବିନାରାୟଣ ଦାଶ, କୃଷ୍ଣଚନ୍ଦ୍ର ପାଢ଼ୀ ଓ ଶୁଭ୍ରଜିତ ମହାପାତ୍ରଙ୍କ ନେତୃତ୍ୱରେ କମିଟି ସଦସ୍ୟମାନେ ନିକଟସ୍ଥ କୁଆଖାଇ ନଦୀରୁ ପୂଜାର୍ଚ୍ଚନା ପୂର୍ବକ ମାଟି ଅନୁକୂଳ କରିଥିଲେ। ପରେପରେ ଘଣ୍ଟ, ବାଦ୍ୟ ଓ ସଂକୀର୍ତ୍ତନ ଶୋଭାଯାତ୍ରା ସହକାରେ ଏହି ଅନୁକୂଳ ମାଟି ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ମା'ଦୁର୍ଗାଙ୍କ ପୂଜା ମଣ୍ଡପ ନିକଟରେ ପହଞ୍ଚିଥିଲା। ପ୍ରମୋଦ ସ୍ୱାଇଁ, ବାଦଲ ଜେନା, ନାରାୟଣ ରାଉତ, ଅରୁଣ ରାଉତ, ରୋହିତ ସ୍ୱାଇଁ, ରଂଜିତ ସ୍ୱାଇଁ (କୁନୁ), ମାଧବ ଜେନା ଓ ବିକ୍ରମ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ସୋମନାଥ ଜେନା, ଦୁଷ୍ମନ୍ତ ଜେନା, ବିଶ୍ୱଜିତ ଜେନା, ସଚିନ ରାଉତ, ଦିଲୀପ ରାଉତ, ସିବୁ ସ୍ୱାଇଁ, ବିକାଶ ବେହେରା, ଲକି ଜେନା, ନରେନ୍ଦ୍ର ରାଉତ, ସୁମନ ଜେନା ଓ ବର୍ଣ୍ଣି ଜେନା ପ୍ରମୁଖ ସଦସ୍ୟଗଣ ସହଯୋଗ କରିଥିଲେ।

## ଚାରିଜଣ ଖୋ-ଖୋ ଖେଳାଳିଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର (ପିଏନ୍)-ମହାରାଷ୍ଟ୍ର ପୁନେରେ ଅନୁଷ୍ଠିତ ଜାତୀୟ ସ୍ତରର ଖୋ-ଖୋ ଟୁର୍ଣ୍ଣାମେଣ୍ଟ 'ଅଲଟିମେଟ୍' ଖୋ-ଖୋ-ସିଜନ-୧ରେ ଚମ୍ପିଆନ ହୋଇଥିବା ଓଡ଼ିଶା ଦଳରେ ସାମିଲ ହୋଇଥିବା ବାଲେଶ୍ୱରର ୪ଜଣ ଖେଳାଳୀଙ୍କୁ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ ସମ୍ବର୍ଦ୍ଧିତ କରିଛନ୍ତି। ଏହି କୃତି ଖେଳାଳୀ ମାନେ ହେଲେ ଜଗନ୍ନାଥ ମୁର୍ମୁ, ସିଦେଶ୍ୱର ଟୁଡୁ, ସୁକାନ୍ତ ସିଂ, ଲିପୁନ ମୁଖୀ, କୋଚ ମଳୟ ରଞ୍ଜନ ବେହେରାଙ୍କ ସହ ଏହି ଖେଳାଳୀ ମାନେ ବାଲେଶ୍ୱର ରେଲଷ୍ଟେସନରେ ପହଞ୍ଚିବା ପରେ ଜିଲ୍ଲା କ୍ରୀଡ଼ା ସଂଘର କର୍ମକର୍ତ୍ତା ମାନେ ସେମାନଙ୍କୁ ସ୍ୱାଗତ କରିଥିଲେ। ପରେ କୋଚ ଶ୍ରୀ ବେହେରାଙ୍କୁ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଶା ପାଇଁ ଗୌରବ ଆଣିଥିବା ଏହି ଖେଳାଳୀଙ୍କୁ ଜିଲ୍ଲାପାଳ ଉତ୍ସାହିତ କରିବା ସହ ସେମାନଙ୍କ ଉତରୋତ୍ତର ଉନ୍ନତି କାମନା କରିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ସମେତ ଜିଲ୍ଲା କ୍ରୀଡ଼ା ସଂଘର ସାଧାରଣ ସଂପାଦକ ଅଭୟ ମହାପାତ୍ର, ସହ-ସାଧାରଣ ସଂପାଦକ ପଦ୍ମଲୋଚନ ଲେଙ୍କା, କାର୍ତ୍ତିକ ଚନ୍ଦ୍ର ନାୟକ ଓ ଜଗଦୀଶ ବେହେରା, ସାଦ୍ଦିକ ଅଲ୍ଲି, ପ୍ରଦୀପ କୁମାର ଦାସ ଏବଂ ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ବନ୍ୟପ୍ରାଣୀ ସୁରକ୍ଷାର ଅଭିନବ ଉପାୟ

ଭୁବନେଶ୍ୱର (ପିଏନ୍): ବନ୍ୟପ୍ରାଣୀଙ୍କୁ ଶିକାରୀମାନଙ୍କ ଲୋଲୁପ ଦୃଷ୍ଟିରୁ ରକ୍ଷାକରିବା ସକାଶେ ଏବେ ବୈଜ୍ଞାନିକମାନେ ଏକ ଅଭିନବ ଉପାୟ ଚିନ୍ତା କରିଛନ୍ତି। ଏହାଦ୍ୱାରା ଆଉ ଶିକାରୀମାନେ ବିରଳ ବନ୍ୟପ୍ରାଣୀଙ୍କୁ ହତ୍ୟା କରିବେ ନାହିଁ କି ସେମାନଙ୍କ ବଂଶ ଲୋପ ପାଇବ ନାହିଁ ବୋଲି ଆଶା କରାଯାଉଛି। ଏଥିନେଇ ଦକ୍ଷିଣ ଆଫ୍ରିକାର ଏକ କମ୍ପାନୀ ଯେଉଁ ଉପାୟଟି ଚିନ୍ତା କରିଛି ତାହା ହେଲା ବୈଜ୍ଞାନିକ ପଦ୍ଧତିରେ ହାତୀ, ଗଣ୍ଡା ଏବଂ ଅନ୍ୟାନ୍ୟ ପଶୁପକ୍ଷୀମାନଙ୍କ ଶରୀରର କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ସୃଷ୍ଟି। ବିଜ୍ଞାନାଗାରରେ ଏହି ସବୁ ଅଙ୍ଗପ୍ରତ୍ୟଙ୍ଗ ଏପରି ଭାବେ ପ୍ରସ୍ତୁତ କରାଯିବ ଯେ ତାହା ଲୋକମାନଙ୍କ ଚାହିଦା ପୂରଣ କରିପାରିବ ଓ ଜଙ୍ଗଲରେ ପଶୁପକ୍ଷୀମାନେ ନିର୍ଭୟରେ ବସବାସ କରିପାରିବେ। ଯେଉଁ କମ୍ପାନୀ ଏଭଳି ଅଭିନବ କାର୍ଯ୍ୟରେ ହାତ ଦେଇଛି ତା'ର ନାମ ପେମ୍ବିଏଣ୍ଟ। ପରୀକ୍ଷାମୂଳକ ଭାବେ ପେମ୍ବିଏଣ୍ଟକମ୍ପାନୀ ଏବେ ଗଣ୍ଡାର ଶିଙ୍ଗ ପ୍ରସ୍ତୁତି କାର୍ଯ୍ୟରେ ଲାଗିପଡ଼ିଛି। ଏ ଦିଗରେ ଏହାକୁ ସଫଳତା ବି ମିଳିସାରିଛି। ତେବେ ଏଥିରେ କିଛି ପରିବର୍ତ୍ତନ ଘଟାଇବା ଓ ଏହା ଯେପରି ଆନ୍ତର୍ଜାତୀୟ ବଜାରରେ ପର୍ଯ୍ୟାପ୍ତ ମାତ୍ରାରେ ଉଲବ୍ଧ ହୋଇପାରିବ ସେଥିପାଇଁ ଅଧିକରୁ ଅଧିକ ଶିଙ୍ଗ ଉତ୍ପାଦନ ପାଇଁ କମ୍ପାନୀ ଉଦ୍ୟମ ଚଳାଇଛି ବୋଲି କହିଛନ୍ତି ପେମ୍ବିଏଣ୍ଟର ସିଇଓ ମାଥ୍ୟୁ ମୁର୍କୁସ୍। ହାତୀଦାନ୍ତଠାରୁ ଆରମ୍ଭ କରି ଗଣ୍ଡାଙ୍କ ଶିଙ୍ଗ ପର୍ଯ୍ୟନ୍ତ ବନ୍ୟପ୍ରାଣୀଙ୍କ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗର ଚାହିଦା ବିଶ୍ୱ ବଜାରରେ ଢ଼େର ବେଶୀ। ଏହାର କାରଣ ଯାହା ହୋଇଥାଉ ନା କାହିଁକି ବିଭିନ୍ନ ବନ୍ୟପ୍ରାଣୀଙ୍କ ଚମଡ଼ା, ଦାନ୍ତ, ଶିଙ୍ଗ, ଲୋମ, ପିତ୍ତ ଏବଂ ଅନ୍ୟାନ୍ୟ ଅଙ୍ଗକୁ ସୌଖିନ ଓ ରାଇସ୍ ଲୋକମାନେ ଲକ୍ଷ ଲକ୍ଷ ଡଲାର ଦେଇ କିଣିଥା'ନ୍ତି। ଯେମିତିକି ଗଣ୍ଡାର ଶିଙ୍ଗର ମୂଲ୍ୟ ଆନ୍ତର୍ଜାତୀୟ ଚୋରା ବଜାରରେ ଆକାଶଛୁଆଁ। ଏହାର ପ୍ରତି କିଲୋ ପିଛା ଦାମ ପ୍ରାୟ ୬୦,୦୦୦ ଡଲାର। ସେଇଭଳି ହାତୀଦାନ୍ତର କିଲୋପିଛା ମୂଲ୍ୟ ପ୍ରାୟ ୨୧୦୦୦ ଡଲାର। ବାଘଛାଲ ଓ ଦାନ୍ତ, ମୃଗଚର୍ମ ଓ ଶିଙ୍ଗ, ଭାଲୁର ଲୋମ, ଚର୍ମ ଓ ପିତ୍ତ, କୁମ୍ଭୀର ଚମଡ଼ାର ଚୋରା ବଜାରର ଅଦୃଶ୍ୟ ଜାଲ ପୃଥିବୀସାରା ବିଛେଇ ହୋଇ ରହିଛି। ବିଶେଷକରି ଆଫ୍ରିକା ମହାଦେଶର ବିଭିନ୍ନ ରାଷ୍ଟ୍ରରୁ ଏବଂ ଏସୀୟ ଦେଶମାନଙ୍କରୁ ଏସବୁ ଦ୍ରବ୍ୟ ଚାଲାଣ କରି ଚୋରା ବେପାରୀମାନେ କୋଟି କୋଟି ଡଲାର ଉପାର୍ଜନ କରିଥା'ନ୍ତି। ଏହାର କ୍ରେତା ଦୁଇ ପ୍ରକାରର। ପ୍ରଥମତଃ କିଛି କ୍ରେତା ପ୍ରାଚୁର୍ଯ୍ୟ ବଳରେ ଏସବୁ ଦ୍ରବ୍ୟ କିଣି ନିଜ ପାଖରେ ରଖିବାକୁ ପସନ୍ଦ କରିଥା'ନ୍ତି। ଏହାବ୍ୟତୀତ ଦ୍ୱିତୀୟ ଶ୍ରେଣୀର କ୍ରେତା ବନ୍ୟପଶୁପକ୍ଷୀଙ୍କ ଶରୀରର ଅଙ୍ଗକୁ ବ୍ୟବହାର କରି ପାରମ୍ପରିକ ଔଷଧ ପ୍ରସ୍ତୁତ କରିଥା'ନ୍ତି। ପୁଣି କେହି କେହି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଏସବୁ ଦ୍ରବ୍ୟ କିଣି ପାଖରେ ରଖିଥା'ନ୍ତି। ତେବେ ସେ ଯାହା ହେଉନା କାହିଁକି, ଏଥିପାଇଁ ଅବାଧ ଶିକାର ଏତେ ମାତ୍ରାରେ ବୃଦ୍ଧି ପାଇଛି ଯେ ହାତୀ, ବାଘ, ସିଂହ, ଭଲ୍ଲୁକ ବିଭିନ୍ନ ପ୍ରଜାତିର ମୃଗ, ଗଣ୍ଡା ଅନେକ ଧରଣର ପକ୍ଷୀ ବିଲୁପ୍ତ ହୋଇଗଲେଣି ଅଥବା ବିଲୁପ୍ତିର ମହାମାର୍ଗରେ ଏବେ ଅଗ୍ରସର ହେଉଛନ୍ତି। କୌଣସି ଦେଶ ଶିକାରୀମାନଙ୍କ ଅବାଧ ବନ୍ୟପ୍ରାଣୀ ଶିକାରକୁ ରୋକିପାରିନାହାନ୍ତି। ଏଭଳି ବନ୍ୟପ୍ରାଣୀଙ୍କ ଅଙ୍ଗପ୍ରତ୍ୟଙ୍ଗ କିଣିବା ତାଲିକାରେ ବିଶ୍ୱରେ ସର୍ବାଗ୍ରେ ରହିଛି ଚୀନ। ଚୀନରେ ପାରମ୍ପରିକ ଔଷଧ ପ୍ରସ୍ତୁତିରେ ଅଧିକାଂଶ ପଶୁଙ୍କ ଶରୀରର ଅଙ୍ଗ ଉପଯୋଗ କରାଯାଇଥାଏ। ଏବେ ସିନ୍ଥେଟିକ୍ ଅଙ୍ଗ ପ୍ରସ୍ତୁତି ପ୍ରସଙ୍ଗକୁ ଆସିବା। ପେମ୍ବିଏଣ୍ଟ କମ୍ପାନୀର ଏଭଳି ଉଦ୍ୟମକୁ କିନ୍ତୁ ବିଶ୍ୱ ବନ୍ୟପ୍ରାଣୀ ସଂରକ୍ଷଣ ସଂସ୍ଥାଠାରୁ ଆରମ୍ଭ କରି ପର୍ଯ୍ୟାବରଣବିତ ଓ ପ୍ରାଣୀପ୍ରେମୀମାନେ ବିରୋଧ କରିଛନ୍ତି। ସେମାନଙ୍କ ମତରେ ଏଭଳି ନକଲି ଅଙ୍ଗପ୍ରତ୍ୟଙ୍ଗ ବଜାରରେ ଉପଲବ୍ଧ ହେଲେ ସୁଦ୍ଧା ଅସଲି ଦ୍ରବ୍ୟର ଚାହିଦା କମିବ ନାହିଁ। ତେଣୁ ଚୋରାଶିକାର ପୂର୍ବବତ୍ ଜାରି ରହିବ। ବରଂ ତାହା ବୃଦ୍ଧିପାଇବ ବୋଲି ସେମାନେ ଆଶଙ୍କା ପ୍ରକଟ କରନ୍ତି। ତେଣୁ ସେମାନେ ପେମ୍ବିଏଣ୍ଟ କମ୍ପାନୀର ଏଭଳି ପ୍ରୟାସକୁ ଘୋର ବିରୋଧ କରିଛନ୍ତି। ସେମାନେ ଏହାର ଏକ ଉଦାହରଣ ଦେଇ କହିଛନ୍ତି ଯେ ଗତ ଦଶବର୍ଷ ଭିତରେ ବିଶ୍ୱରେ ଗଣ୍ଡା ଶିକାର ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି। ୨୦୦୭ ମସିହାରେ ଦକ୍ଷିଣ ଆଫ୍ରିକାରେ ମାତ୍ର ୧୩ଟି ଗଣ୍ଡାଙ୍କୁ ମରାଯାଇଥିବାବେଳେ ୨୦୧୫ରେ ୧୧୭୫ଟି ଗଣ୍ଡା ଚୋରା ଶିକାରୀଙ୍କ ଦ୍ୱାରା ନିହତ ହୋଇଛନ୍ତି। ତେଣୁ ଏଭଳି ବିକଳ୍ପ ଉପାୟ ବନ୍ୟପ୍ରାଣୀଙ୍କ ସୁରକ୍ଷା ଦିଗରେ ବିଶେଷ ସହାୟକ ହେବନାହିଁ ବୋଲି ସେମାନେ ଦୃଢ଼ ଯୁକ୍ତି ବାଢ଼ନ୍ତି। କିନ୍ତୁ ବଜାରରେ ଯେ ଖୁବ୍‌ଶୀଘ୍ର ସିନ୍ଥେଟିକ ହାତୀଦାନ୍ତ ଓ ଗଣ୍ଡା ଶିଙ୍ଗ ମିଳିବ ତାହା ସମସ୍ତଙ୍କ ପାଇଁ ଏବେ ଖୁସି ଖବର ପାଲଟିଛି।

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ



# ବଡ଼ଚଣା ବ୍ଲକ ଦୁର୍ନୀତିର ଗନ୍ତାଘର ପାଲିଟିଛି, ବଡ଼ଚଣା ବ୍ଲକ କଂଗ୍ରେସ କମିଟି



ଦର୍ପଣ,(ପି.ଏନ)-ଯାଜପୁର ଜିଲ୍ଲାର ବଡ଼ଚଣା ବ୍ଲକ ଏବେ ଦୁର୍ନୀତିର ଗନ୍ତାଘର ପାଲିଟିଛି,ଏକଦା ଇନ୍ଦିରା ଆବାସ ଦୁର୍ନୀତିରେ ସାରା ଓଡ଼ିଶାରେ ବଡ଼ଚଣା ବ୍ଲକ ଏକ ନମ୍ବର ଥିଲା ବେଳେ ଏବେ ପାନୀୟ ଜଳଯୋଗାଣ ଦୁର୍ନୀତିରେ ମଧ୍ୟ ବଡ଼ଚଣା ବ୍ଲକ ଇଂ ନମ୍ବର ପାଲିଟିଛି ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ବଡ଼ଚଣା ବ୍ଲକ କଂଗ୍ରେସ କମିଟି ଅଭିଯୋଗ କରିଛି.ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ବଡ଼ଚଣା କଂଗ୍ରେସର କ୍ୟାପଟେନ ରାଜନାରାୟଣ ମହାପାତ୍ର ଯୋଗ ଦେଇ ବଡଚଣାର ୪୩ ଗୋଟି ପଂଚାୟତରେ ବିଭିନ୍ନ ଯୋଜନାରେ ହେଇଥିବା ଦୁର୍ନୀତି ବିଷୟରେ ସୂଚନା ଦେଇଥିଲେ.ରାଜ୍ୟ ସରକାରଙ୍କ ପକ୍ଷରୁ ପଂଚାୟତ ସରପଂଚ ମାନଙ୍କୁ ଦେବାକୁ ଥିବା ଡିଜିଟାଲ ଫାଇଲକୁ ତତକାଳୀନ ବିଡ଼ିଓ ନିଜ ପାଖରେ ରଖି ଥିଲେ ତଦ୍ବାରା ସରପଞ୍ଚ ଟି ବିଭିନ୍ନ ଯାଜନାର ଅଟକଳ,ଖର୍ଚ୍ଚ ଓ ଅନ୍ୟାନ୍ୟ ଯୋଜନା ବିଷୟରେ ଜାଣିପାରୁନଥିଲା ଓ ସରପଂଚ ମାନଙ୍କୁ ଅନ୍ଧାରରେ ରଖି ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ସମସ୍ତ କାର୍ଯ୍ୟର ଅର୍ଥ ଉଠାଉଥିଲେ.ଚଳିତ ମାର୍ଚ୍ଚ ମାସରେ ବ୍ଲକରେ ବସିଥିବା ଅଭିଯୋଗ ଶୁଣାଣୀରେ କଂଗ୍ରେସ କମିଟି ପକ୍ଷରୁ ୬ ଗୋଟି ପଂଚାୟତରେ ବ୍ୟାପକ ଦୁର୍ନୀତି ନେଇ ଅଭିଯୋଗ ହେଇଥିଲା,ଜିଲ୍ଲାପାଳ ତୁରନ୍ତ ଏହି ପଂଚାୟତ ର ଆର୍ଥିକ କାରବାର ଉପରେ ତଦନ୍ତ କରିବାକୁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ ମାତ୍ର କେବଳ କୋଲଣଗିରି ପଞ୍ଚାୟତକୁ ଛାଡିଦେଲେ ଭରତପୁର,ଅଣକା, ମଝିପଡା, ଗୋପାଳପୁର ଓ ବରପଦା ପଂଚାୟତ ଗୁଡ଼ିକ ଅଦ୍ୟାବଧି ତଦନ୍ତ କରାଯାଇନାହିଁ.କେବଳ ଏହି ୬ ଗୋଟି ନୁହିଁ ସାରା ବଡଚଣାର ୪୩ ଗୋଟି ପଂଚାୟତରେ ବିଭିନ୍ନ ଯୋଜନାରେ ବ୍ୟାପକ ଦୁର୍ନୀତି ହେଇଛି ଓ ଏହାର ତଦନ୍ତ କରାଯିବ ଦରକାର ବୋଲି କ୍ୟାପଟେନ ମହାପାତ୍ର ଅଭିଯୋଗ କରିଛନ୍ତି.ସେହିପରି ୨୦୧୯ କୋଭିଡ ସମୟରେ ବିଭିନ୍ନ ପଞ୍ଚାୟତକୁ ଆସିଥିବା ଅର୍ଥର ହିସାବ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ସୂଚନା ଆଇନ ଅଧିକାରରେ ମଗାଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ବ୍ଲକ ପ୍ରଶାସନ ତଥ୍ୟ ପ୍ରଦାନ କରିନାହାନ୍ତି.ଆହୁରି ମଧ୍ୟ ବାଲିଚନ୍ଦ୍ରପୁର,ଛତିଆ ଓ ସୁଂଗୁଡା ପଂଚାୟତରେ ଉନ୍ନୟନ କାର୍ଯ୍ୟ ରାଜନୈତିକ ଉଦେଶ୍ୟ ରଖି କରାଯାଉନାହିଁ, ପଂଚାୟତରେ ବହୁ ଅର୍ଥ ଥିଲେ ମଧ୍ୟ ସାଧାରଣ ବିକାଶ କାର୍ଯ୍ୟ ହେପାରୁନାହିଁ ବୋଲି ସେ ଅଭିଯୋଗ କରିଥିଲେ.ପର୍ଶ୍ଚିମ ବଡଚଣାରେ ପାନୀୟ ଜଳଯୋଜନାରେ ବ୍ୟାପକ ଅର୍ଥ ହରିଲୁଟ ହେଇଛି ବୋଲି ମଧ୍ୟ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଅଛି. ଆଗାମୀ ଦିନରେ ବଡ଼ଚଣା ବାସୀଙ୍କ ହିତ ଦୃଷ୍ଟିରେ ଏହି ସବୁ ସମସ୍ୟାକୁ ବ୍ଲକ ପ୍ରଶାସନ ଦୃଷ୍ଟି ନଦିଅନ୍ତି ତେବେ ବ୍ଲକ କଂଗ୍ରେସ କମିଟି ରାଜ ରାସ୍ତାକୁ ଓଲହାଇବା ବୋଲି କ୍ୟାପଟେନ ମହାପାତ୍ର କହିଥିଲେ.ଏହି ସାମ୍ବାଦିକ ସମ୍ମିଳନୀରେ ବ୍ଲକ କଂଗ୍ରେସ କମିଟି ସଭାପତି ଉମେଶ ଜେନା,ଉପସଭାପତି ପ୍ରଦୀପ୍ତ ମହାନ୍ତି,ପୂର୍ବତନ ବ୍ଲକ ଅଧକ୍ଷ ନିରଞ୍ଜନ ସାହୁ ଓ କଂଗ୍ରେସ ସାଧାରଣ ସମ୍ପାଦକ ଅଶୋକ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ଇଭିଏମ ଗୁଡିକର ଟେଷ୍ଟିଂ ଆରମ୍ଭ

ପୁରୀ,(ପି.ଏନ), ଏମିତି ରାସ୍ତା ପୁରୀ ଜିଲ୍ଲାକୁ ହାଇଦ୍ରାବାଦ ସ୍ଥିତ ଇସିଆଇଏଲ କମ୍ପାନୀରୁ ସମ୍ପୂର୍ଣ୍ଣ ନୂଆ ଇଲେକ୍ଟ୍ରୋନିକ ଭୋଟିଂ ମେସିନ (ଇଭିଏମ) ଆସି ପହଂଚିଛି। ୪୧୦୦ ବାଲାଟ ୟୁନିଟ ଓ ୪୧୦୦ କଂଟ୍ରୋଲ ୟୁନିଟ ପୁରୀରେ ପହଂଚିବା ପରେ ପ୍ରଶାସନିକ ଅଧିକାରୀ ଓ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ମାନଙ୍କ ଉପସ୍ଥିତିରେ ପେଣ୍ଟକଟା ସ୍ଥିତ ଇଭିଏମ ଗୋଦାମରେ ରଖାଯାଇଥିଲା। ଆଜି ପୂର୍ବାହ୍ନରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁଙ୍କ ଉପସ୍ଥିତରେ ଏହି ମେସିନ ଗୁଡିକର ଟେଷ୍ଟିଂ ଆରମ୍ଭ ହୋଇଛି। ପ୍ରାରମ୍ଭରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ଉପସ୍ଥିତିରେ ଇଭିଏମ ଗୋଦାମ ଖୋଲାଯାଇଥିଲା।ଏହି ଟେଷ୍ଟିଂ କାର୍ଯ୍ୟକୁ ପିକେଡିଏ ର ସମ୍ପାଦକ ଲଲାଟେନ୍ଦୁ ସାହୁ, ଡେପୁଟି କଲେକ୍ଟର ଜିତେନ୍ଦ୍ର ପାତ୍ର ଓ ଓଡ଼ିଶା ପ୍ରଶାସନିକ ସେବାର ପ୍ରୋବେସନର ଅଧିକାରୀ ମାନଙ୍କ ତତ୍ୱାବଧାନରେ ୬୦ ଗୋଟି ଟିମ ମାଧ୍ୟମରେ କରାଯାଉଛି। ଇସିଆଇଏଲ ର ସେକ୍ସନ ଅଧିକାରୀ ପଥନ କୁମାର ଭଞ୍ଜର ସୁପରଭାଇଜିଂ ଅଧିକାରୀ ଭାବେ ଇସିଆଇଏଲ ପକ୍ଷରୁ ଯୋଗଦେଇ ମେସିନ ଗୁଡିକର କାର୍ଯ୍ୟଦକ୍ଷତା ଓ ସମସ୍ୟା ଥିଲେ ସମାଧାନ କରିବାକୁ ଉପସ୍ଥିତ ରହିଛନ୍ତି।

# ପ୍ରଦେଶ ଛାତ୍ର କଂଗ୍ରେସ ଓ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ରମାଦେବୀ ବିଶ୍ୱବିଦ୍ୟାଳୟର ଭୁଷୁଡ଼ା କାନ୍ଥ ପରିଦର୍ଶନ

ଭୁବନେଶ୍ୱର ,(ପି.ଏନ): ଆଜି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଏବଂ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ ରମାଦେବୀ ମହାବିଦ୍ୟାଳୟର ଭୁଷୁଡ଼ି ପଡ଼ିଥିବା କାନ୍ଥର ପରିଦର୍ଶନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜ କହିଛନ୍ତି ଏହା ହେଉଛି ନବୀନ ମାର୍କା ବିକାଶର ବିକଳ ଓ ବିକୃତ ଚିତ୍ର। ରମାଦେବୀ ବିଶ୍ୱବିଦ୍ୟାଳୟ ଠାରୁ ଗୋଟିଏ କିଲୋମିଟର ଦୂର ବୋମିଖାଲ ଓଭରବ୍ରିଜ ମଧ୍ୟ ନିର୍ମାଣାଧିନ ଥିବାବେଳେ ଦୁଇଥର ଭୁଷୁଡ଼ି ଦୁଇଜଣଙ୍କ ମୃତ୍ୟୁ ହୋଇଥିଲା। ନିକଟରେ ବାଙ୍କିରେ ମଧ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଉଦ୍‌ଘାଟନ କରିଥିବା କାନ୍ଥ ୭ ଦିନରେ ଭୁଷୁଡ଼ି ପଡ଼ିଲା। ଏ ହେଉଛି ନବୀନ ଶାସନର ସ୍ୱଚ୍ଛତା। ରମାଦେବୀ ବିଶ୍ୱବିଦ୍ୟାଳୟରେ ତିନିମାସ ତଳେ ନିର୍ମାଣ ହୋଇଥିବା ଏହି କାନ୍ଥ ଭୁଷୁଡ଼ି ପଡ଼ିବା ଘଟଣା ନବୀନ ଶାସନରେ ନିର୍ମାଣରେ ସ୍ୱଚ୍ଛତା କେତେ ଏହା ସ୍ପଷ୍ଟ ପରିଦୃଷ୍ଟ ହେଉଛି। ନବୀନ ଶାସନରେ ଦୁର୍ନୀତିଖୋର ଠିକାଦାରମାନଙ୍କୁ ପ୍ରୋତ୍ସାହନ ଦିଆଯାଉଛି। ସେହିପରି ସାରା ଓଡ଼ିଶାରେ ବିଭିନ୍ନ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଦ୍ୟାଳୟ ଗୁଡ଼ିକର ନିର୍ମାଣ କାର୍ଯ୍ୟ ୨୩ ବର୍ଷ ଭିତରେ ଅତି ନିମ୍ନମାନର ହୋଇଛି। ଅନେକ ସ୍ଥାନରେ ଫଟାକାନ୍ଥରେ ବା ପୁରୁଣା କାନ୍ଥରେ ରଙ୍ଗବୋଳି ବିଲ କରିଦିଆଯାଇଛି। କେବଳ ଓଡ଼ିଶାର ରାଜକୋଷକୁ ହରିଲୁଟ କରିବାପାଇଁ ନବୀନମାର୍କା ବିକାଶ ଉର୍ଦ୍ଦିଷ୍ଟ। ମୋ ସ୍କୁଲ ବା ୫ଟି ମାନ୍ୟତାର ସ୍କୁଲର ନିର୍ମାଣ କାର୍ଯ୍ୟ ମଧ୍ୟ ଅଧିକାଂଶ ସ୍ଥାନରେ ଅତି ନିମ୍ନମାନର। ସୁତରାଂ ଏକ ଅତ୍ୟନ୍ତ ଦୁର୍ନୀତିଗ୍ରସ୍ତ ଶାସକ ଭାବରେ ଇତିହାସ ନବୀନ ବାବୁଙ୍କ ମନେରଖିବ। ରମାଦେବୀ ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶାର ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ଏହା ଏକ ସ୍ପର୍ଶକାତର ପ୍ରସଙ୍ଗ। ରମାଦେବୀର କୌଣସି ଛାତ୍ରୀ ଯଦି ଏହି ଅଘଟଣ ସମୟରେ ସେଠାରେ ଉପସ୍ଥିତ ଥାଆନ୍ତେ ତାହାହେଲ କ'ଣ ଅବସ୍ଥା ହୋଇଥାନ୍ତା ତାହା ଉପରେ ଚିନ୍ତା ପ୍ରକଟ କରିବାକଥା। କାର୍ଯ୍ୟକରିଥିବା ଠିକାଦାର ଏବଂ ଏହି କାର୍ଯ୍ୟକୁ ସୁପାରିଶ କରି ବିଲ ଦେଇଥିବା ସରକାରୀ ଅଫିସର ଏବଂ ଏହି କାର୍ଯ୍ୟସହ ସଂପୃକ୍ତଥିବା ସମସ୍ତ ସରକାରୀ ଅଫିସରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଛାତ୍ର କଂଗ୍ରେସ ଦାବି କରୁଛି। ଏହି ସବୁ ଘଟଣାକୁ ହାଲୁକା ଭାବରେ ଗ୍ରହଣ କରୁଥିବା ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କାର୍ଯ୍ୟଶୈଳୀକୁ ଛାତ୍ର କଂଗ୍ରେସ ନିନ୍ଦା କରୁଛି। ଯଦି ତୁରନ୍ତ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ଛାତ୍ର କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଏହି କାର୍ଯ୍ୟକ୍ରମରେ ଛାତ୍ର କଂଗ୍ରେସର ଜାତୀୟ ସଂପାଦିକା ତଥା ଓଡ଼ିଶା ପ୍ରଭାରୀ ଅନୁଲେଖା ବୋଷା, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ, ପ୍ରକାଶ ମିଶ୍ର, ସୁବ୍ରତ ମହାପାତ୍ର, ମିହିର ଆଚାର୍ଯ୍ୟ, ନିହାର ବେହେରା, ବିଶ୍ୱଭୂଷଣ ମହାପାତ୍ର, ଶ୍ରୀ ମହାନ୍ତି, ସାହାରୁଖ ଖାନ, ମହମ୍ମଦ ଗୁଲଫାମ, ସମୀର ରାଉତ, ନିଆଜୁଲ ଇସଲାମ, ଉଦିତ ପ୍ରଧାନ, ସାଗର ପଟ୍ଟନାୟକ, ରୋନକ ପଟ୍ଟନାୟକ, ମହମ୍ମଦ ଅନୱାର, ରାମେଶ୍ୱର ଶତପଥି ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରାଇଭେଟ୍ ହୋମିଓପାଥିକ ପ୍ରାକ୍ଟିସନର ଆସୋସିଏନର ୮ମ ସମ୍ମିଳନୀ ଓ ହ୍ୟାନିମାନଙ୍କ ୨୬୯ତମ ଜନ୍ମଦିବସ ପାଳନ



ଭୁବନେଶ୍ୱର,(ପି.ଏନ) : ସୋମବାର ମଧ୍ୟାହ୍ନରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପ ସମ୍ମିଳନୀ କକ୍ଷରେ ସଂଘର ସାଭପତି ନେତ୍ରାନନ୍ଦ ଭୋଇଙ୍କ ସଭାପତିତ୍ୱରେ ୮ମ ବାର୍ଷିକ ସମ୍ମିଳନୀ ଓ ସର୍ବପୁରାତନ ହୋମିଓପାଥିକ ଚିକିତ୍ସାର ଜନକ ଡାକ୍ତର ହ୍ୟାନିମାନଙ୍କ ୨୬୯ତମ ଜନ୍ମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର, ମୁଖ୍ୟ ବକ୍ତା ଭାବେ ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ବିଧାୟକ ଡ. ଅରବିନ୍ଦ ଢାଲୀ, ଭୁବନେଶ୍ୱର ମେୟର ସୁଲୋଚନା ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଆଭିମୁଖ୍ୟ ହେଲା ଓଡ଼ିଶାର ଗ୍ରାମାଞ୍ଚଳରେ କାର୍ଯ୍ୟରତ ହୋମିଓପ୍ୟାଥିକ ପ୍ରାକ୍ଟିସନରମାନଙ୍କୁ ପୂର୍ବରୁ ସରକାରଙ୍କ ଦ୍ୱାରା ଏକ ପଞ୍ଜିକୃତ କରାଯାଇ ଲିଷ୍ଟେଡ଼ ମାନ୍ୟତା ପ୍ରଦାନ କରାଯାଇ ନିରବଚ୍ଛିନ୍ନ ଭାବେ ଜନସାଧାରଣଙ୍କୁ ସେବା ଯୋଗାଇ ଆସୁଥିଲେ। କିନ୍ତୁ ଏହି ପ୍ରକ୍ରିୟା ଅନ୍ୟ ରାଜ୍ୟରେ ପ୍ରଚଳିତ ଥିବା ବେଳେ ଆମ ରାଜ୍ୟରେ ଏହାକୁ ୨୦୧୪ ମସିହାରେ ନିଷେଧ ଘୋଷଣା କରାଯାଇଛି। ଫଳରେ ସେବା କାର୍ଯ୍ୟରେ ନିୟୋଜିତ ଚିକିତ୍ସକମାନେ ସେମାନଙ୍କ ଜୀବିକା ହରାଇବା ଯୋଗୁ ପରିବାର ପ୍ରତିପୋଷଣ କରିବା କଷ୍ଟସାଧ୍ୟ ହୋଇପଡ଼ିଛି। ଏ ଦିଗରେ ସରକାରଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ସଂଘର ନ୍ୟାର୍ଯ୍ୟଦାବି ପ୍ରତି ବୈମାତୃକ ମନୋଭାବ ଯୋଗୁ ହୋମିଓପ୍ୟାଥିକ ଚିକିତ୍ସା ଉପରୁ ସାଧାରଣଲୋକଙ୍କ ଭରସା ଶୂନ୍ୟ ହୋଇପଡ଼ିବା ଦେଖିବାକୁ ମିଳିଛି। ସେବାବୃ ିରେ ଥିବା ହଜାର ହଜାର ହୋମିଓପ୍ୟାଥିକ ଚିକିତ୍ସକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେମାନଙ୍କ ସମସ୍ୟା ଉପରେ ଦୃଷ୍ଟି ଦେବା ପାଇଁ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଅନୁରୋଧ କରାଯାଇଛି। କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ହୋମିଓପ୍ୟାଥିକ ଔଷଧ ଖୁବ୍ କମ୍ ଖର୍ଚ୍ଚରେ ଅସାଧ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ ବିଷୟରେ ମତପୋଷଣ କରି ଆଜିର ସମାଜରେ ଘରୋଇ ଚିକିତ୍ସକମାନଙ୍କ ସେବା ମନୋଭାବକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ଆସୋସିଏସନର ବାର୍ଷିକ ସ୍ମରଣିକା 'ଶୋଭନର'କୁ ଅତିଥି ମାନେ ଉନ୍ମୋଚନ କରିଥିଲେ। ସଂଘର ବରିଷ୍ଠ ଚିକିତ୍ସକମାନଙ୍କୁ ଏକଲବ୍ୟ ସମ୍ମାନରେ ସମ୍ମାନିତ କରିବା ସହିତ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମାଜସେବୀ ରଞ୍ଜନ କୁମାର ମହାପାତ୍ର ଓ ପରିବେଶବିତ ଦୀନବନ୍ଧୁ ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଜଗନ୍ନାଥ ଦାଶ, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ବାରିକ, କୋଷାଧ୍ୟକ୍ଷ ମହିନ୍ଦ୍ର କୁମାର ସାହୁ, ମୁଖ୍ୟ ଉପଦେଷ୍ଟା ଡା ପ୍ରଦୀପ ରାଓ, ଆଇନ ଉପଦେଷ୍ଟା ରମଣୀକାନ୍ତ ପଟ୍ଟନାୟକ ଓ ପୁଦେଷ୍ଟା ନିହାର ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ବିଭିନ୍ନ ୮ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ

ସୁବର୍ଣ୍ଣପୁର, ୧୦ ।ପି.ଏନ) ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଆଜି ଡୁଙ୍ଗୁରିପାଲି ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୁବର୍ଣ୍ଣପୁର ସୂର୍ଯ୍ୟନାରାୟଣ ଦାଶ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୮ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୬ ଗୋଟି, ସାମୁହିକ ଦରଖାସ୍ତ ୨ ଗୋଟି ଗ୍ରହଣ କରାଯାଇଛି। ଗ୍ରହଣ କରାଯାଇଥିବା ସମସ୍ତ ଅଭିଯୋଗ ଦରଖାସ୍ତକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗ ଗୁଡିକୁ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ତୁରନ୍ତ ସମାଧାନ ନିମନ୍ତେ ପ୍ରେରଣ କରାଯାଇଛି।ଡୁଙ୍ଗୁରିପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିପୁର ମହାନନ୍ଦିଆଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ସୁବର୍ଣ୍ଣପୁର ନିହାର ରଞ୍ଜନ କହଁର, ଡୁଙ୍ଗୁରିପାଲି ବ୍ଲକ ଅଧକ୍ଷ୍ୟା ଶ୍ରୀମତୀ ଅହଲ୍ୟା ସାହୁ, ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲଦାର, ବ୍ଲକ ସ୍ତରୀୟ କର୍ମଚାରୀ ପ୍ରମୁଖ ଯୋଗଦାନ କରିଥିଲେ।

# ଜିଲ୍ଲାସ୍ତରୀୟ ସ୍କାଉଟ୍ସ ଏବଂ ଗାଇଡ୍ସ କ୍ୟାମ୍ପରୀରେ ମୋଚିବନ୍ଧ ଉଚ୍ଚ ବିଦ୍ୟାଳୟର ସଫଳତା



କେନ୍ଦୁଝର,(ପି.ଏନ) : ତା ୦୮.୦୪.୨୦୨୩ ରିଖ ଠାରୁ ୧୦ .୦୪.୨୦୨୩ ରିଖ ପର୍ଯ୍ୟନ୍ତ ଏବିସିଡି ଆର ଉଚ୍ଚବିଦ୍ୟାଳୟ ଅଙ୍ଗିକଳା ଠାରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାସ୍ତରୀୟ କ୍ୟାମ୍ପେରୀରେ ସରକାରୀ ଉଚ୍ଚ ବିଦ୍ୟାଳୟ ମୋଚିବନ୍ଧର ସ୍କାଉଟ୍ସ ଏବଂ ଗାଇଡ୍ସ ମାନେ ସ୍କାଉଟ ମାଷ୍ଟର ଫକୀରମୋହନ ମହାନ୍ତଙ୍କ ତତ୍ୱାବଧାନ ରେ ଦଶଗୋଟି ପ୍ରତିଯୋଗୀତା ଅଂଶ ଗ୍ରହଣ କରି ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରି ଚମ୍ପିୟାନ ହୋଇଛନ୍ତି। ଏଥିରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନେ ହେଲେ ମୋନରଞ୍ଜନ ଦେ, ଏଲାନ ନାୟକ, ମଂଟୁ ଲୋହାର, ଆକାଶ ବେହେରା, ମନୋଜ ପାତ୍ର, ଚିରାଗ ସୁତ୍ରଧର, ମୋହନ ମୁଣ୍ଡା, ସୌରଭ ବେହେରା, ବଳରାମ ସେନ, ମନୋଜ ପାତ୍ର, ପ୍ରେମ ବିଶ୍ୱକର୍ମା, ଅର୍ପିତା ମହାନ୍ତି, ରୁପାଲୀ ମହାକୁଡ, ସ୍ୱର୍ଣ୍ଣଲକ୍ଷ୍ମୀ ନାଏକ, ଭାଗ୍ୟଲକ୍ଷ୍ମୀ ନାଥ, କୁନି ମୁଣ୍ଡା, ସୋନାଲି ସେଠୀ ଓ ଆରତୀ ନାଏକ। ଏହି ପ୍ରତିଯୋଗୀ ମାନଙ୍କୁ କେନ୍ଦୁଝର ଜିଲ୍ଲା ଶିକ୍ଷାଧିକାରୀ ମାନ୍ୟବର ପୂର୍ଣ୍ଣଚନ୍ଦ୍ର ସେଠୀ ଓ ପାଟଣା ବିଧାୟକ ଜଗନ୍ନାଥ ନାୟକ ଟ୍ରଫି ଗୁଡିକ ପ୍ରଦାନ କରିଥିଲେ। ଏହା ବିଦ୍ୟାଳୟ ପାଇଁ ଗର୍ବ ତଥା ଗୌରବ ଆଣି ଦେଇଛି। ଏଣୁ ଛାତ୍ର ଛାତ୍ରୀ ତଥା ଶିକ୍ଷକ ଓ ଶିକ୍ଷୟିତ୍ରୀ ମହଲରେ ଲହରୀ ଖେଳିଯାଇଛି।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray